ବର୍ଷ-୨୬, ସଂଖ୍ୟା-୨୫୦
ଭୁବନେଶ୍ୱର
ସେପ୍ଟେମ୍ବର, ୧୬, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 250
Bhubaneswar
September, 16, 2026, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


## ଜେଲରୁ ଦାରା ସିଂଙ୍କ ମୁକ୍ତି ଆଶା କ୍ଷୀଣ

### ଷ୍ଟେଟ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡରେ ଆବେଦନ ଖାରଜ



ଭୁବନେଶ୍ୱର, ୧୫।୯(ମହାଭାରତ) : ଜେଲରୁ ମୁକୁଳି ପାରିବେନି ଦାରା ସିଂ । ଆଗୁଆ ମୁକ୍ତି ପାଇଁ ହୋଇଥିବା ଆବେଦନ ଖାରଜ କଲେ ଓଡ଼ିଶା ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡ ( ଷ୍ଟେଟ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ) । ଗ୍ରାହାମ ଷ୍ଟେନ୍ସ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଦାରା ସିଂ ଓରଫ୍ ରବୀନ୍ଦ୍ର କୁମାର ପାଳଙ୍କ ଅଗ୍ରୀମ ମୁକ୍ତି ଆବେଦନକୁ ଷ୍ଟେଟ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ଖାରଜ କରିଦେଇଛନ୍ତି ।

ଗତ ୩୧ ତାରିଖରେ ହୋଇଥିବା ବୈଠକରେ ଖାରଜ କରାଯାଇଥିବା ଷ୍ଟେଟ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି । ବୈଠକର ନିଷ୍ପତ୍ତି ନେଇ ରାଜ୍ୟ ଗୃହ ବିଭାଗକୁ ଷ୍ଟେଟ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡ ଅବଗତ କରିଛି । ଏହି ନିଷ୍ପତ୍ତି ଦ୍ୱାରା ଜେଲରୁ ଦାରା ସିଂଙ୍କ ମୁକ୍ତି ଆଶା କ୍ଷୀଣ ହୋଇଛି । ସୂଚନାଯୋଗ୍ୟ ଯେ, ୧୯୯୯ ମସିହାର ବହୁଚର୍ଚ୍ଚିତ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଏବଂ ତାଙ୍କର ଦୁଇ ନାବାଳକ ପୁଅଙ୍କୁ ପୋଡି ହତ୍ୟା କରିବାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ଦାରା ସିଂ । ପ୍ରଥମେ ତାଙ୍କୁ ଟ୍ରାଏଲ କୋର୍ଟରେ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ହାଇକୋର୍ଟ ଏହାକୁ ଆଜୀବନ କାରାଦଣ୍ଡରେ ପରିଣତ କରିଥିଲେ । ଦାରା ସିଂ ଦୀର୍ଘ ୨୬ ବର୍ଷରୁ ଅଧିକ ସମୟ ଜେଲରେ କାଟି ସାରିଛନ୍ତି । ନିଜ ମୁକ୍ତି ପାଇଁ ସୁପ୍ରିମକୋର୍ଟରେ ଦାରା ସିଂ ଆବେଦନ କରିଥିଲେ । ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଏହି ମାମଲାରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶା ସରକାରଙ୍କ ଦଣ୍ଡ ସମୀକ୍ଷା ବୋର୍ଡ ଦାରାଙ୍କୁ ଜେଲରୁ ଶୀଘ୍ର ମୁକ୍ତ କରିବାକୁ ଖାରଜ କରିଛି । ଫଳରେ ସେ ସହଜରେ ଜେଲରୁ ମୁକୁଳି ପାରିବେ ନାହିଁ । ଅନ୍ୟପକ୍ଷରେ ଦାରା ସିଂଙ୍କ ମୁକ୍ତି ମାମଲାର ଶୁଣାଣି ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ସୁପ୍ରିମକୋର୍ଟରେ ହେବାକୁ ଅଛି ।


## ସ୍କୁଲ୍ ବ୍ୟାଗ୍‌ରେ ଗଞ୍ଜେଇ

ବୈଶାଳୀ ୧୫।୯(ମହାଭାରତ): ବିହାରର ହାଜିପୁରରେ ସ୍କୁଲ୍ ଛାତ୍ରମାନଙ୍କ ବ୍ୟାଗ୍‌ରୁ ୩୮ କିଲୋଗ୍ରାମ୍ ଗଞ୍ଜେଇ ଜବତ ହୋଇଛି । ଏହି ଘଟଣାରେ ୩ ଜଣ ନାବାଳକଙ୍କ ସମେତ ୫ ଜଣ ଗିରଫ ହୋଇଛନ୍ତି । ଛାତ୍ରମାନଙ୍କ ସ୍କୁଲ୍ ବ୍ୟାଗ୍‌ରେ ଏହି ଗଞ୍ଜେଇ ଚୋରାଚାଲାଣ କରାଯାଉଥିଲା ।ବୈଶାଳୀ ବରିଷ୍ଠ ଏସ୍‌ପି ଶୁଭଙ୍କ ମିଶ୍ର କହିଛନ୍ତି, ଏକ ବସ୍‌ରେ କିଛି ଚୋରାଚାଲାଣକାରୀ ଯାତ୍ରା କରୁଥିବା ନେଇ ଆଗୁଆ ସୂଚନା ମିଳିବା ପରେ ଚଢ଼ଉ କରାଯାଇଥିଲା । ଏଥିରେ ପ୍ରାୟ ୪ ଲକ୍ଷ ଟଙ୍କା ମୂଲ୍ୟର ଗଞ୍ଜେଇ ଜବତ ହୋଇଛି । ମୁଜାଫରପୁରରୁ ପାଟନା ଯାଉଥିବା ଏକ ବସ୍‌କୁ ଭଗବାନପୁର ପୁଲିସ ଏବଂ ପାଟନା ପ୍ରୋହିବିସନ୍ ବିଭାଗର ମିଳିତ ଟିମ୍ ଭଗବାନପୁର ଆଡ୍ଡା ଚୌକ ନିକଟରେ ଅଟକାଇଥିଲେ । ଏହାପରେ ଟିମ୍ ବସ୍‌ରେ ଚି ସନ୍ଦିଗ୍ଧ ଯାତ୍ରୀମାନଙ୍କ ବ୍ୟାଗ୍ ଯାଞ୍ଚ କରିଥିଲା ।ଯାଞ୍ଚ ସମୟରେ ପୁଲିସ କିଛି ନାବାଳକଙ୍କ ବ୍ୟାଗ୍‌ରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିଲା । ମୋଟ ୩୮ କିଲୋ ଗଞ୍ଜେଇ ଜବତ ହୋଇଛି । 'ଅପରେସନ୍ ନୀଳକଣ୍ଠ' ଅଧୀନରେ ୫ ଜଣଙ୍କୁ ଗିରଫ କରାଯାଇଛି । ପୁଲିସ ସେମାନଙ୍କୁ ହାଜତକୁ ନେଇ ଜେରା କରୁଛି । ପୁଲିସ ଅନୁଯାୟୀ, ଏହି ଚୋରାଚାଲାଣକାରୀମାନେ ନିଶାଦ୍ରବ୍ୟ ଯୋଗାଣ ପାଇଁ ପାଟନା ଯାଉଥିଲେ । ନିଶାମୁକ୍ତ ରାଜ୍ୟ ବିହାରରେ ପୁଣି ୩ ନାବାଳକଙ୍କ ବ୍ୟାଗ୍‌ରୁ ନିଶାଦ୍ରବ୍ୟ ମିଳିବା ଅତ୍ୟନ୍ତ ଚିନ୍ତାଜନକ । ଏହା ନିଶା କାରବାର ନେଟ୍‌ୱର୍କରେ ନାବାଳକମାନଙ୍କ ସମ୍ପୃକ୍ତି ନେଇ ଚିନ୍ତା

## ଓଡିଶାରେ ଆଉ ଏକ ବଡ ସେମିକଣ୍ଡକ୍ଟର ପ୍ରକଳ୍ପ

### ଇନଫୋଭ୍ୟାଲି-୨ରେ ୩୪୦୬ କୋଟି ଟଙ୍କା ନିବେଶ କରିବ ସିକସେମ୍

ଭୁବନେଶ୍ୱର, ୧୫।୯(ମହାଭାରତ): ଭାରତର ସେମିକଣ୍ଡକ୍ଟର ତଥା ହାଇଟେକ୍ ଉଦ୍ୟୋଗ ମାନଚିତ୍ରରେର ଓଡିଶା ଏକ ପ୍ରମୁଖ ଶକ୍ତି ଭାବେ ଉଭା ହେଉଥିବାବେଳେ ରାଜ୍ୟରେ ଦ୍ୱିତୀୟ ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ ପାଇଁ ମଞ୍ଜୁରୀ ମିଳିଛି । ଖୋର୍ଦ୍ଧା ଜିଲ୍ଲାର ଜଟଣୀ ତହସିଲ ଅନ୍ତର୍ଗତ ଅରିସୋଲ ମୌଜାସ୍ଥିତ ଇଡକୋ ଇନଫୋଭ୍ୟାଲି-୨ରେ ଏହି ସେମିକଣ୍ଡକ୍ଟର କାରଖାନା ସ୍ଥାପନ ହେବ । ପୂର୍ବ ଭାରତର ସ୍ୱତନ୍ତ୍ର ଅର୍ଥନୈତିକ ଅଂଚଳଗୁଡିକର ପରିଚାଳନା ଦାୟିତ୍ୱରେ ଥିବା ଫାଲତା ଏସଇଜେଡ (ଏଫଏସଇଜେଡ) କ୍ଷେତ୍ରାଧିକାର ଅଧୀନରେ କୋଲକାତାଠାରେ ଅନୁଷ୍ଠିତ ୟୁନିଟ୍ ଆପ୍ରୁଭାଲ କମିଟିର ୨୧୭ତମ ବୈଠକରେ ମେସର୍ସ ସିକସେମ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏହି ପ୍ରସ୍ତାବକୁ ବିଧିବଦ୍ଧ ଅନୁମୋଦନ ମିଳିଛି ।



ଏହି ବୃହତ ପ୍ରକଳ୍ପ ଜରିଆରେ କମ୍ପାନୀ ପ୍ରାୟ ୩୪୦୬.୨୫ କୋଟି ଟଙ୍କା ପୁଞ୍ଜିନିବେଶ କରିବ । ଇନଫୋଭ୍ୟାଲି-୨ର ଅରିସୋଲ ମୌଜାର ପ୍ରାୟ ୨୧.୮୯ ଏକର ଜମିରେ ଏହି ଅତ୍ୟାଧୁନିକ କାରଖାନା ସ୍ଥାପନ କରାଯିବ । ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୧୨୭୦ ଜଣ କୁଶଳୀ ତଥା ବୈଷୟିକ ବ୍ୟକ୍ତିଙ୍କ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ଯାହା ରାଜ୍ୟର ଯୁବପିଢ଼ିଙ୍କ ପାଇଁ ଏକ ବଡ ସମ୍ଭାବନା ଆଣିଦେବ ।ଏହି କାରଖାନାରେ ମୁଖ୍ୟତଃ ସିଲିକନ୍ କାର୍ବାଇଡ୍ (ଏସଆଇସି) ଆଧାରିତ ସେମିକଣ୍ଡକ୍ଟର ଉପକରଣ ପ୍ରସ୍ତୁତ କରାଯିବ, ଯେଉଁଥିରେ ସିକ୍ ଡାୟୋଡ୍ ଓ ସିକ୍ ମସଫେଟ୍ ସାମିଲ ରହିଛି । ବାର୍ଷିକ ୪.୮ ନିୟୁତ(୪୮ଲକ୍ଷ) ସିକ୍ ଡାୟୋଡ୍ ଓ ୯୧.୨ ନିୟୁତ(୯.୧୨କୋଟି) ସିକ୍ ମସଫେଟ୍ ଉତ୍ପାଦନ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଉଚ୍ଚ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ଘରୋଇ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ସହ ବିଶ୍ୱବଜାରକୁ ରପ୍ତାନି କରିବାରେ ଏହି ପ୍ଲାଣ୍ଟ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି ।ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ରପ୍ତାନୀଭିତ୍ତିକ ହୋଇଥିବାରୁ ଆଗାମୀ ୫ବର୍ଷ ମଧ୍ୟରେ ୭୦୪୩କୋଟି ଟଙ୍କାର ରପ୍ତାନୀ କାରବାର କରିବା ସହ ପ୍ରାୟ ୪୫୨୩କୋଟି ଟଙ୍କାର ନିଟ୍ ବୈଦେଶିକ ମୁଦ୍ରା ଉପାର୍ଜନର ଆକଳନ କରାଯାଉଛି । ଫାଲତା ଏସଇଜେଡର ନିୟାମକ ବ୍ୟବସ୍ଥା ମାଧ୍ୟମରେ ସ୍ଥାପିତ ହେଉଥିବା ଏହି ବୃହତ ପ୍ରକଳ୍ପ ଦେଶର ଘରୋଇ ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ସୁଦୃଢ଼ କରିବା ସହ ବିଶ୍ୱ ବଜାରରେ ଓଡିଶାକୁ ଏକ ଅଗ୍ରଣୀ ହାଇଟେକ୍ ଉତ୍ପାଦନ କେନ୍ଦ୍ର ଭାବେ ସ୍ଥାନିତ କରିବ ବୋଲି ଜଣାପଡିଛି ।

## ମୟୂରଭଞ୍ଜରେ ବାଂଲାଦେଶୀ ଗୁଇନ୍ଦା ପାରା

ବୈଶିଙ୍ଗା, ୧୫।୮(ମହାଭାରତ):ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଅଧୀନ କଷିପଦା ଗ୍ରାମରୁ ଏକ ସନ୍ଦିଗ୍ଧ ପାରା ଉଦ୍ଧାର ହୋଇଛି । ପାରା ଗୋଡ଼ରେ ଲାଗିଥିବା ଏକ ରିଙ୍ଗ୍‌ରେ ବାଂଲାଦେଶ ସମ୍ପର୍କିତ କୋଡ୍ ଲେଖାଥିବା ଦେଖିବାକୁ ମିଳିଛି । ଓଡିଶାର ମୟୂରଭଞ୍ଜ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମସ୍ଥାନ ଥିବା ବେଳେ ସମ୍ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ଜିଲ୍ଲାକୁ ଅଧିକ ଫୋକସ କରାଯାଇଛି । ଏହି ସମୟରେ ଏଭଳି ପାରାକୁ ନେଇ ଅଞ୍ଚଳରେ ଆଲୋଚନା ଜୋର ଧରିଛି ।

ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ କଷିପଦା ଗ୍ରାମର ହରିଶ ଚନ୍ଦ୍ର ପୁହାଣଙ୍କ ଘର ନିକଟରେ ପରିବାର ଲୋକେ ପାରାଟିକୁ ଦେଖିଥିଲେ । ପାରାର ଗୋଟିଏ ଗୋଡ଼ରେ ନୀଳ ରଙ୍ଗର ପିତ୍ତଳ ରିଙ୍ଗ୍ ସଦୃଶ ଏକ ଧାତବ ରିଙ୍ଗ୍ ଲାଗିଥିଲା । ପାରାଟିକୁ ଧରି ପରଖିବାରୁ ରିଙ୍ଗ୍‌ରେ ସ୍ପଷ୍ଟ ଭାବେ 'BAN-୨୦୨୪' ଓ '୭୦୧୮୩୧' ଲେଖାଯାଇଥିଲା ।

ପାରାଟି ସମ୍ପର୍କରେ ଖବର ପ୍ରଚାରିତ ହେବା ପରେ ଦେଖିବାକୁ ଆଖପାଖର ଲୋକଙ୍କ ଭିଡ ଜମିଥିଲା । ବିଏଏନ୍‌ରୁ ବାଂଲାଦେଶ ହୋଇଥିବା ଅନୁମାନ କରି ସନ୍ଦେହରେ ହରିଶ ଚନ୍ଦ୍ର ପୁହାଣଙ୍କ ପୁଅ ଶ୍ରୀକାଶ ପୁହାଣ ବୈଶିଙ୍ଗା ଥାନାକୁ ଖବର ଦେଇଥିଲେ । ପରେ ସେ ନିଜେ ପାରାଟିକୁ ଥାନାରେ ପହଞ୍ଚାଇଥିଲେ । ଘଟଣା ସମ୍ପର୍କରେ ଅବଗତ ହେବା ପରେ ବେତନଟୀ ଏସ୍‌ଡିପିଓ ମିନତୀ ବିଶ୍ୱାଳ ଓ ବୈଶିଙ୍ଗା ଥାନା ଅଧିକାରୀ ବାବାଶଙ୍କର ସରାଫ ରିଙ୍ଗ୍‌ରେ ଲେଖାଥିବା କୋଡ୍ ଓ ନମ୍ବରକୁ ଯାଞ୍ଚ କରିଥିବା ଜଣାପଡ଼ିଛି । ବିଏନ୍ ଲେଖାଥିବାରୁ ପାରାଟି ବାଂଲାଦେଶ ଅଞ୍ଚଳରୁ ଆସିଥିବା ଓ ୨୦୨୪ରେ ଛଡାଯାଇଥିବା ନେଇ ପ୍ରାଥମିକ ଭାବେ ସନ୍ଦେହ କରାଯାଉଛି । ତେବେ ୭୦୧୮୩୧ର ନମ୍ବର ସ୍ପଷ୍ଟ ହୋଇପାରିନାହିଁ । ତେବେ ପାରାଟି କେଉଁଠାରୁ ଆସିଲା, ରିଙ୍ଗ୍‌ରେ ଏଭଳି କୋଡ୍ କାହିଁକି ଲେଖାଯାଇଛି ଏବଂ ଏହା ପଛରେ କୌଣସି ଅନ୍ୟ ରହସ୍ୟ ରହିଛି କି ନାହିଁ—ସେନେଇ ପୁଲିସର ଅଧିକ ତଦନ୍ତ ଜାରି ରହିଛି ।ପାରାଟିକୁ ନେଇ ପ୍ରାଥମିକ ଅବସ୍ଥାରେ ଗ୍ରାମରେ ଆଶଙ୍କା ଓ ଉତ୍କଣ୍ଠାର ବାତାବରଣ ସୃଷ୍ଟି ହୋଇଥିବା ବେଳେ ଏବେ ସମସ୍ତଙ୍କ ନଜର ପୁଲିସର ତଦନ୍ତ ଉପରେ ।

## ଅକ୍ଟୋବରରେ ଆସିବେ ରାହୁଲ

ଭୁବନେଶ୍ୱର ୧୫।୯(ମହାଭାରତ): ଅକ୍ଟୋବରରେ ଓଡିଶା ଆସିବେ ରାହୁଲ ଗାନ୍ଧୀ । ଭୁବନେଶ୍ୱରରେ 'ଛାତ୍ର କି ଗୁଞ୍ଜ୍' କାର୍ଯ୍ୟକ୍ରମରେ ଦେବେ ଯୋଗ । ସାମିଲ ହେବେ ୨୦ ହଜାର ଯୁବପୀଢି । ଜେନ୍-ଜିଙ୍କ ସମସ୍ୟାକୁ ନେଇ ହେବ ଆଲୋଚନା । ଏନେଇ ପିସିସି ସଭାପତି ଭକ୍ତଚରଣ ଦାସ ସୂଚନା ଦେଇଛନ୍ତି । ପିସିସି ସଭାପତି କହିଛନ୍ତି ଯେ, ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଆଗକୁ କଂଗ୍ରେସ ମାରାଥନ୍ କାର୍ଯ୍ୟକ୍ରମ କରିବ । ଜାନୁଆରୀ ଏବଂ ଫେବୃଆରୀ ଭିତରେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଓଡିଶା ଆସିବେ । ଅକ୍ଟୋବର ୨ ତାରିଖରୁ ନବରଙ୍ଗପୁରରେ କଂଗ୍ରେସ ପଦଯାତ୍ରା ଆରମ୍ଭ କରିବ । କଂଗ୍ରେସ କର୍ମୀମାନେ ଏହି ପଦଯାତ୍ରାରେ ସାମିଲ ହେବେ । କମିଟି ଗୁଡିକ ତାକୁ ନିରୀକ୍ଷଣ କରିବ । ଜେନ୍-ଜିଙ୍କ ସମସ୍ୟାକୁ ନେଇ ଭୁବନେଶ୍ୱରରେ ବ୍ୟାପକ କାର୍ଯ୍ୟକ୍ରମ ହେବ । ଆସନ୍ତା ଅକ୍ଟୋବରରେ ଓଡ଼ିଶାରେ ଛାତ୍ର କି ଗୁଞ୍ଜ୍ କାର୍ଯ୍ୟକ୍ରମ ହେବ । ରାହୁଲ ଗାନ୍ଧୀ ଆସନ୍ତା ଅକ୍ଟୋବର ମାସରେ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି । ଭୁବନେଶ୍ୱରରେ ବଡ଼ କାର୍ଯ୍ୟକ୍ରମ ହେବ । ସେଥିରେ ୨୦ ହଜାର ଯୁବ ପିଢ଼ି ଯୋଗ ଦେବେ ।



## କୌଣସି ନିର୍ଦ୍ଦିଷ୍ଟ ବାତ୍ୟାର ପୂର୍ବାନୁମାନ ନୁହେଁ


ଭୁବନେଶ୍ୱର, ୧୫।୯(ମହାଭାରତ); ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍‌ରୋ) ପକ୍ଷ ଆକଳନ କରିଛି ଯେ, ଅକ୍ଟୋବରରୁ ଡିସେମ୍ବର ୨୦୨୬ ମଧ୍ୟରେ ଉତ୍ତର ଭାରତ ମହାସାଗରରେ ପ୍ରାୟ ୩ଟି ବାତ୍ୟା ସୃଷ୍ଟି ହୋଇପାରେ । ଏହାକୁ ନେଇ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିବା ସହ ସାଧାରଣରେ ଭୟ ସୃଷ୍ଟି ହୋଇଛି । ମାତ୍ର ଏହାକୁ ନେଇ ଭୟଭୀତ ନହେବାକୁ ପରାମର୍ଶ ଦେଇଛନ୍ତି ପାଣିପାଗ ବିଜ୍ଞାନୀ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ । ସେ ଦର୍ଶାଇଛନ୍ତି, ଘୂର୍ଣ୍ଣିବଳୟ ମୌସୁମୀ ସମୟରେ ଏକ ସାଧାରଣ ପାଣିପାଗ ବ୍ୟବସ୍ଥା । ଏହା ବର୍ଷା ବଢ଼ାଇପାରେ, କିନ୍ତୁ ପ୍ରତ୍ୟେକ ଘୂର୍ଣ୍ଣିବଳୟ ବାତ୍ୟାରେ ପରିଣତ ହୁଏନାହିଁ । ସେହିପରି "ସାଇକ୍ଲୋଜେନେସିସ୍" ଶବ୍ଦର ଅର୍ଥ ଘୂର୍ଣ୍ଣି ବ୍ୟବସ୍ଥାର ସୃଷ୍ଟି ବା ବିକାଶ; ଏହାର ଅର୍ଥ ବାତ୍ୟା ସୃଷ୍ଟି ହୋଇସାରିଛି ନୁହେଁ ।

ପ୍ରଫେସର ପଶୁପାଳକ ଦର୍ଶାଇଛନ୍ତି, ସେପ୍ଟେମ୍ବରରେ ମୌସୁମୀ ବାୟୁ ସକ୍ରିୟ ରହିଥିବାରୁ ଉପର ଓ ତଳ ବାୟୁସ୍ତର ମଧ୍ୟରେ ପବନର ବେଗ ଓ ଦିଗର ପାର୍ଥକ୍ୟ ଅନେକ ସମୟରେ ବାତ୍ୟା ଶକ୍ତିଶାଳୀ ହେବାରେ ବାଧା ଦିଏ । ତେବେ ସେପ୍ଟେମ୍ବରରେ ବାତ୍ୟା ହେବା ସମ୍ପୂର୍ଣ୍ଣ ଅସମ୍ଭବ ନୁହେଁ । ଇସ୍ରୋ ସାକ୍ ଅହମ୍ମଦାବାଦ ପକ୍ଷରୁ ମୋସଡାକ୍ ମାଧ୍ୟମରେ ୮ ସେପ୍ଟେମ୍ବର ୨୦୨୬ରେ ଏକ ଋତୁକାଳୀନ ବାତ୍ୟା ଆକଳନ ପ୍ରକାଶ ପାଇଛି । ଏହି ଆକଳନ ଅନୁସାରେ ଅକ୍ଟୋବରରୁ ଡିସେମ୍ବର ୨୦୨୬ ମଧ୍ୟରେ ଉତ୍ତର ଭାରତ ମହାସାଗରରେ ପ୍ରାୟ ୩ଟି ବାତ୍ୟା ସୃଷ୍ଟି ହୋଇପାରେ । କିନ୍ତୁ ଉତ୍ତର ଭାରତ ମହାସାଗର ମାନେ କେବଳ ବଙ୍ଗୋପସାଗର ନୁହେଁ—ଏଥିରେ ବଙ୍ଗୋପସାଗର ଓ ଆରବ ସାଗର ଉଭୟ ଅନ୍ତର୍ଭୁକ୍ତ । ତେଣୁ ଓଝଜଡଂ "ବଙ୍ଗୋପସାଗରରେ ୩ଟି ବାତ୍ୟା ହେବ" କିମ୍ବା "ଓଡ଼ିଶାକୁ ୩ଟି ବାତ୍ୟା ଆସିବ" ବୋଲି କହିନାହିଁ । କେଉଁଠାରେ ବାତ୍ୟା ସୃଷ୍ଟି ହେବ, କେଉଁ ଦିଗକୁ ଯିବ ଏବଂ କେଉଁଠାରେ ସ୍ଥଳଭାଗ ଛୁଇଁବ—ଏହି ଋତୁକାଳୀନ ଆକଳନରୁ ତାହା କୁହାଯାଇପାରିବ ନାହିଁ । ୪୦ ବର୍ଷର ତଥ୍ୟରେ ମଡେଲର ପରୀକ୍ଷା: ଇସ୍ରୋର ବୈଜ୍ଞାନିକମାନେ ୧୯୮୨ରୁ ୨୦୨୧ ପର୍ଯ୍ୟନ୍ତ ୪୦ ବର୍ଷର ତଥ୍ୟ ବ୍ୟବହାର କରି ଏହି ଋତୁକାଳୀନ ମଡେଲର କାର୍ଯ୍ୟଦକ୍ଷତା ପରୀକ୍ଷା କରିଛନ୍ତି । ବାତ୍ୟା ସଂଖ୍ୟା ଓ ଫିଡିଆଇ ଆକଳନରେ ଗବେଷଣାରେ ପ୍ରାୟ ୯୪% ମଡେଲ ସ୍କିଲ ମିଳିଥିବା ଉଲ୍ଲେଖ ଅଛି । କିନ୍ତୁ ଏହାକୁ ଇସ୍ରୋର ବାତ୍ୟା ପୂର୍ବାନୁମାନ ୯୪% ସଠିକ୍" ବୋଲି କହିବା ଠିକ୍ ନୁହେଁ । ଏହା ୪୦ ବର୍ଷର ପୁରୁଣା ତଥ୍ୟ ଉପରେ ମଡେଲର ସାମଗ୍ରିକ କାର୍ଯ୍ୟଦକ୍ଷତାର ଏକ ମାପ ।

## ୟୁପିଆଇ ପେମେଣ୍ଟ ୨୦୦୦ ଟପିଲେ ଦେବାକୁ ପଡିବ ଫି'

ନୂଆଦିଲ୍ଲୀ, ୧୫।୯(ମହାଭାରତ): ୟୁପିଆଇଏ କାରବାରକୁ ନେଇ ବଡ ଘୋଷଣା କରିଛନ୍ତି କେନ୍ଦ୍ର ସରକାର । ଏଣିକି ୟୁପିଆଇ ପେମେଣ୍ଟ ୨୦୦୦ ଟଙ୍କା ଟପିଲେ ଦେବାକୁ ପଡିବ ନିର୍ଦ୍ଦିଷ୍ଟ ଫି' । ୟୁପିଆଇ ନେଣଦେଣ ପାଇଁ ସରକାର ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ ବା ଏମଡିଆର ଫ୍ରେମୱାର୍କ ଘୋଷଣା କରିଛନ୍ତି । ଏହି ନିୟମ ଅନୁସାରେ ଯଦି ଜଣେ ବ୍ୟକ୍ତି କୌଣସି ମର୍‌ଚାଣ୍ଟ ବା ବ୍ୟବସାୟୀକ ସଂସ୍ଥାକୁ ୟୁପିଆଇରେ ୨ ହଜାରରୁ ଅଧିକ ଟଙ୍କା ପଠାଇବେ, ତା'ହେଲେ ସଂସ୍ଥାକୁ କିଛି ନିର୍ଦ୍ଦିଷ୍ଟ ଫି' ଦେବାକୁ ପଡିବ । ତେବେ ସାଧାରଣ ଗ୍ରାହକ ପୂର୍ବ ଭଳି ବିନା କୌଣସି ଫି'ରେ ୟୁପିଆଇର ବ୍ୟବହାର କରିପାରିବେ । ଅର୍ଥାତ ଗ୍ରାହକମାନେ ପୂର୍ବଭଳି ଦେୟମୁକ୍ତ ସେବା ପାଇପାରିବେ ।

ନୂଆ ନିୟମ ଆସନ୍ତା ଅକ୍ଟୋବର ୧୫ରୁ ଲାଗୁ ହେବ । ସଧାରଣ ପି୨ଏ(ପର୍ସନ ଟୁ ମର୍‌ଚାଣ୍ଟ) ଅଧୀନରେ ୨୦୦୦ ଟଙ୍କାରୁ ଅଧିକ ନେଣଦେଣ ପାଇଁ ମୋଟ ଦେୟର ୦.୪% ଫି' ଆକାରରେ ବ୍ୟବସାୟୀମାନେ ଦେବେ । ସେହିପରି କାରବାର ୭୫ ହଜାର କିମ୍ବା ଅଧିକ ହେଲେ ଏମଡିଆର ଭାବେ ପ୍ରତି ଟ୍ରାଞ୍ଜାକସନ ପାଇଁ ୩୦୦ ଟଙ୍କା ଲେଖାଏ ଦେବାକୁ ପଡିବ । ଏହି ଫି'କୁ ମର୍‌ଚାଣ୍ଟ ସେମାନଙ୍କ ବ୍ୟାଙ୍କ ଗୁଡିକୁ ଦେବାକୁ ହେବ ଓ



ସାଧାରଣ ଗ୍ରାହକଙ୍କ ଉପରେ ଏହାର କୌଣସି ଚାପ ପଡିବ ନାହିଁ । ଗ୍ରାହକମାନେ ୟୁପିଆଇ ସେବା ପୂର୍ବ ଭଳି ମାଗଣାରେ ପାଇବେ । ୟୁପିଆଇ ସେବା ଯୋଗାଇ ଦେଉଥିବା ସଂସ୍ଥାଗୁଡିକ ମଧ୍ୟ କୌଣସି ପ୍ଲାଟଫର୍ମ କିମ୍ବା ଅନ୍ୟ କୌଣସି ଚାର୍ଜ ମଧ୍ୟ ଲଗାଇ ପାରିବେ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି ।

ଉଦାହରଣ ସ୍ୱରୂପ, ଯଦି ଜଣେ ୩ ହଜାର ଟଙ୍କାର ୟୁପିଆଇ ପେମେଣ୍ଟ କରୁଛନ୍ତି, ତା'ହେଲେ ମର୍ଚ୍ଚାଣ୍ଟ ଏଥିପାଇଁ ୦.୪% ଆକାରରେ ୧୨ ଟଙ୍କା ଦେବେ । ୫୦,୦୦୦ ଟଙ୍କା ପାଇଁ ଏମଡିଆର ଭାବେ ୨୦୦ ଟଙ୍କା ଲାଗିବ ।ସେହି ହିସାବରେ ୧ ଲକ୍ଷ ଟଙ୍କା ପାଇଁ ୪୦୦ ଟଙ୍କା ଲାଗିବା କଥା । ହେଲେ ବ୍ୟବସାୟୀମାନେ ଏଥିପାଇଁ କେବଳ ୩୦୦ ଟଙ୍କା ଦେବେ । କାରଣ ୭୫ ହଜାର କିମ୍ବା ତା' ଠାରୁ ଅଧିକ କାରବାର ପାଇଁ ମୋଟ ଧାର୍ଯ୍ୟ ସୀମା ସରକାର ୩୦୦ ଟଙ୍କା ହିଁ ରଖିଛନ୍ତି ।

ସେବା ଯୋଗାଉଥିବା କିଛି ନିର୍ଦ୍ଦିଷ୍ଟ ସଂସ୍ଥା ପାଇଁ ରିହାତି ବ୍ୟବସ୍ଥା ରହିଛି । ରେଳବାଇ, ଟେଲିକମ ସେବା, ବୀମା ଓ ତୈଳ ସଂସ୍ଥାଗୁଡିକ ପାଇଁ ଏମଡିଆର ୫ ଟଙ୍କା ରଖାଯାଇଛି । ଅର୍ଥାତ ୨୦୦୦ ଟଙ୍କାରୁ ଅଧିକ ୟୁପିଆଇ ପେମେଣ୍ଟ କଲେ ସେମାନେ ସାଧାରଣ ୦.୪% ହିସାବରେ ୧୨ ଟଙ୍କା ବଦଳରେ ୫ ଟଙ୍କା ଦେବେ । ଯଦି ଜଣେ ୨ ହଜାରରୁ ଅଧିକ ଟଙ୍କାର ତେଲ ପକାଇଛନ୍ତି, ତା'ହେଲେ ପେଟ୍ରୋଲ ପମ୍ପ ଅପରେଟରଙ୍କୁ ୫ ଟଙ୍କା ଦେବାକୁ ପଡିବ ।


## ଓରାଙ୍ଗଉଟାନ ଉଦ୍ଧାର ଘଟଣାରେ ବାଂଲାଦେଶ ଲିଙ୍କ୍

ଭୁବନେଶ୍ୱର, ୧୫।୯(ମହାଭାରତ): ଓରାଙ୍ଗଉଟାନ ଓଡ଼ିଶା ବା ନନ୍ଦନକାନନର ବାସିନ୍ଦା ହୋଇ ରହିପାରିବେ । ସେମାନଙ୍କୁ ଆଉ ଇଣ୍ଡୋନେସିଆକୁ ହସ୍ତାନ୍ତର କରିବାକୁ ପଡ଼ିବ ନାହିଁ । କାରଣ ଏମାନେ ବ୍ରିଡିଂ ସେଣ୍ଟରରୁ ଆସିଛନ୍ତି । ତେଣୁ ଆଇନ ଅନୁଯାୟୀ ଯଦି ବ୍ରିଡିଂ ସେଣ୍ଟରରେ ଛୁଆ ହେଉଛନ୍ତି ସେମାନେ ଚିଡ଼ିଆଖାନାରେ ରହିପାରିବେ । ଆଉ କାହାକୁ ଦେବାକୁ ପଡ଼ିବନି । ନନ୍ଦନକାନନରେ ତାଙ୍କ ପାଇଁ ପୂର୍ବରୁ ମଧ୍ୟ ବ୍ୟବସ୍ଥା ରହିଛି । ଏମାନଙ୍କୁ ବନ୍ଦ ଖୁଆଡ଼ରୁ ବାହାର କରି ଖୋଲା ଖୁଆଡ଼ରେ ରଖିବା ଦରକାର ବୋଲି କହିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ

### ଖୋଲା ଖୁଆଡ଼ରେ ରଖିବାକୁ ପରାମର୍ଶ

। ପୂର୍ବରୁ କୌଣସି ବ୍ରିଡିଂ ସେଣ୍ଟରରୁ ଏମାନେ ଆସିଥିବା ମଧ୍ୟ ଆଶଙ୍କା କରାଯାଇଛି । ବର୍ତ୍ତମାନ ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ଏହି ଶାବକ ବାଂଲାଦେଶର ବ୍ରିଡିଂ ସେଣ୍ଟରରୁ ଆସିଛନ୍ତି । ଏବେ କିଏ, କାହିଁକି ଓ କେଉଁଠି ନେଉଥିଲା ଏ ନେଇ ଆହୁରି ଖୋଳତାଡ଼ ହେବାର ଆବଶ୍ୟକତା ରହିଛି । ଓଡ଼ିଶାରୁ କିଏ ଏଥିରେ ସମ୍ପୃକ୍ତ ଅଛନ୍ତି ତଦନ୍ତ ହେବା ଦରକାର ଓ ଏହି ଅନ୍ତର୍ଜାତୀୟ ସ୍ମଗଲିଂରେ ରୋକ ଆଣିବା ଦରକାର ବୋଲି କହିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ ଶ୍ରୀ ମଲ୍ଲିକ ।

ଓରାଙ୍ଗଉଟାନ୍ ଶାବକ ଉଦ୍ଧାର ଘଟଣା ପଛରେ ବାଂଲାଦେଶ ଲିଙ୍କ୍ ଥିବା ନେଇ ତଦନ୍ତକାରୀ ସଂସ୍ଥାକୁ ଗୁରୁତ୍ୱପୂର୍ଣ୍ଣ ସୁରାକ୍ ମିଳିଥିବା ଜଣାପଡ଼ିଛି । ଭୋଗରାଇର ବିଚିତ୍ରପୁର ଜଙ୍ଗଲକୁ ଏହି ଓରାଙ୍ଗଉଟାନ୍ ଶାବକମାନେ କିପରି ଆସିଲେ ଏବଂ କିଏ ସେମାନଙ୍କୁ ଆଣିଥିଲା, ସେନେଇ ଏସଟିଏଫ ଓ ଡବ୍ଲୁସିସିବି ତଦନ୍ତ ଜାରି ରଖିଛନ୍ତି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶାରେ ଉଦ୍ଧାର ହୋଇଥିବା ୫ଟି ଓରାଙ୍ଗଉଟାନ୍ ଶାବକଙ୍କୁ ବାଂଲାଦେଶରୁ ଭାରତକୁ ଅଣାଯାଇଥିବା ସନ୍ଦେହ



କରାଯାଉଛି । ବାଂଲାଦେଶରେ କେହି ଜଣେ ମାଈ ଓରାଙ୍ଗଉଟାନ୍‌କୁ ରଖି ପ୍ରଜନନ କରୁଥିବା ଏବଂ ସେଠାରୁ ଏହି ଶାବକମାନଙ୍କୁ ଅଣାଯାଇଥିବା ନେଇ ତଦନ୍ତକାରୀଙ୍କୁ ସୂଚନା ମିଳିଛି ।

ସୂଚନା ଅନୁଯାୟୀ, ଜାହାଜ ଯୋଗେ ଏହି ଶାବକମାନଙ୍କୁ ଓଡ଼ିଶା ଅଣାଯାଇଥିଲା । ଧାମରା ମାର୍ଗ ଦେଇ ସେମାନଙ୍କୁ ଭଦ୍ରକ ଅଣାଯିବା ପରେ ସେଠାରୁ କୋଲକାତା ନିଆଯାଇଥିଲା । କୋଲକାତାରେ ଓରାଙ୍ଗଉଟାନ୍‌ମାନଙ୍କର ବିଭିନ୍ନ ପରୀକ୍ଷା କରାଯାଇଥିବା ସୂଚନା ମିଳିଛି ।ପରୀକ୍ଷା ପରେ ସେମାନଙ୍କୁ ବିଶାଖାପାଟଣାମ ନେବାର ଯୋଜନା ଥିଲା । ସେଠାରୁ ଅନ୍ୟ ରାଜ୍ୟକୁ ସେମାନଙ୍କୁ ପଠାଯିବାର ଯୋଜନା ଥିବା ସନ୍ଦେହ କରାଯାଉଛି ।ତଦନ୍ତରେ ଏକ ବଡ଼ ପ୍ରଶ୍ନ ଉଠୁଛି, ଯଦି ଲକ୍ଷ୍ୟ ବିଶାଖାପାଟଣାମ ଥିଲା, ତେବେ ଓରାଙ୍ଗଉଟାନ୍‌ମାନଙ୍କୁ ସିଧାସଳଖ ଜଳପଥରେ କାହିଁକି ନିଆଗଲା ନାହିଁଜଳପଥରେ ଯାତ୍ରା କଲେ ଗୋପାଳପୁର ମାର୍ଗ ଦେଇ ଯିବାକୁ ପଡ଼ିଥାନ୍ତା । ସେହି ଅଞ୍ଚଳରେ ଯାଞ୍ଚ ବ୍ୟବସ୍ଥା ଥିବାରୁ ଧରାପଡ଼ିବାର ଆଶଙ୍କା ଥିବା ନେଇ ସ୍ମଗଲରମାନେ ସଡ଼କପଥକୁ ବାଛିଥିବା ସନ୍ଦେହ କରାଯାଉଛି ।ଏହି କାରଣରୁ କୋଲକାତାରୁ ସଡ଼କପଥରେ ବିଶାଖାପାଟଣାମ ନେବା ପାଇଁ ଯୋଜନା କରାଯାଇଥିବା ସୂଚନା ମିଳିଛି । ଯୋଜନା ଅନୁଯାୟୀ, ଓରାଙ୍ଗଉଟାନ୍ ଶାବକମାନଙ୍କୁ ଏକ କଳା ଥାର୍‌ରେ ନିଆଯାଉଥିଲା । ତେବେ ରାସ୍ତାରେ ଗାଡ଼ି ଭିତରେ ଶାବକମାନଙ୍କ ଅସ୍ୱାଭାବିକ ଗତିବିଧି କିମ୍ବା କୌଣସି ସମସ୍ୟା ଯୋଗୁଁ ସେମାନଙ୍କୁ ନେଉଥିବା ବ୍ୟକ୍ତିମାନେ ଭୟଭୀତ ହୋଇପଡ଼ିଥିବା ସନ୍ଦେହ କରାଯାଉଛି । ପରେ ବାଲେଶ୍ୱର ଅଞ୍ଚଳର ଜଙ୍ଗଲରେ ଏହି ଶାବକମାନଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି । ପରବର୍ତ୍ତୀ ସମୟରେ ଘଟଣାଟି ସାମ୍ନାକୁ ଆସିବା ପରେ ବନ ବିଭାଗ ଓ ତଦନ୍ତକାରୀ ସଂସ୍ଥାମାନେ ତତ୍ପର ହୋଇଛନ୍ତି ।

## କମୁଛି କେନ୍ଦ୍ରୀୟ ଅନୁଦାନ

ଭୁବନେଶ୍ୱର, ୧୫।୯(ମହାଭାରତ): ଚଳିତ ଆର୍ଥିକ ବର୍ଷରେ ଅଗଷ୍ଟ ଶେଷ ସୁଦ୍ଧା କେନ୍ଦ୍ରୀୟ ଅନୁଦାନ ବାବଦରେ ଓଡିଶାକୁ ପୂର୍ବ ବର୍ଷ ତୁଳନାରେ କମ୍ ଅର୍ଥ ମିଳିଛି । ବଜେଟ୍‌ରେ ଧାର୍ଯ୍ୟ କରାଯାଇଥିବା ଅର୍ଥର ମାତ୍ର ୧୧ ପ୍ରତିଶତ ମିଳିଛି ଯାହାକି ଗତ ଆର୍ଥିକବର୍ଷରେ ଏହି ସମୟରେ ମିଳିଥିବା ଅର୍ଥ ତୁଳନାରେ ୩ ପ୍ରତିଶତ କମ୍ । କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇବା ଏବେ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି ।



ରାଜ୍ୟ ବଜେଟ୍‌ରେ ଏକ ବଡ ଅଂଶ ହେଉଛି କେନ୍ଦ୍ରୀୟ ଅନୁଦାନ । ଚଳିତ ଆର୍ଥିକ ବର୍ଷର ବଜେଟ୍ ଆକଳନରେ ସମୟରେ କେନ୍ଦ୍ରରୁ ଏ ବାବଦରେ ୪୦ହଜାର କୋଟି ଟଙ୍କା ମିଳିବ ବୋଲି ଆକଳନ କରାଯାଇଥିଲା । ସେହି ଆଧାରରେ କେନ୍ଦ୍ରରୁ ଅର୍ଥ ମିଳିବାକଥା । ହେଲେ ଅଗଷ୍ଟ ସୁଦ୍ଧା ମିଳିଛି ୪୫୧୦ କୋଟି ଟଙ୍କା । ଏହା ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ମିଳିଥିବା ଅର୍ଥର ୩ ପ୍ରତିଶତରୁ କମ୍ ହୋଇଥିବାବେଳେ ୨୦୨୪ ବର୍ଷର ଏହି ସମୟ ମଧ୍ୟରେ ମିଳିଥିବା ଅର୍ଥ ତୁଳନାରେ ୧୨ ପ୍ରତିଶତରୁ କମ୍ ରହିଛି ।

ଗତ ଆର୍ଥିକ ବର୍ଷରେ ଅଗଷ୍ଟ ଶେଷ ସୁଦ୍ଧା କେନ୍ଦ୍ରୀୟ ଅନୁଦାନ ଆକାରରେ ୪୬୫୧ କୋଟି ଟଙ୍କା ମିଳିଥିବାବେଳେ ୨୦୨୪ ଆର୍ଥିକ ବର୍ଷରେ ଅଗଷ୍ଟ ଶେଷ ସୁଦ୍ଧା କେନ୍ଦ୍ରରୁ ଅନୁଦାନ ବାବଦରେ ୫୩୧୭ କୋଟି ଟଙ୍କାରୁ ଅଧିକ ମିଳିଥିଲା । ହେଲେ ଚଳିତବର୍ଷ ଅନୁଦାନ ମିଳିବା ହ୍ରାସ ପାଇଛି । ତେବେ କେନ୍ଦ୍ରରୁ ମିଳୁଥିବା ଅଂଶଧନ ଟିକସ ବାବଦୀୟ ଅର୍ଥ କିନ୍ତୁ ଅଧିକ ମିଳିଥିଲା ଜଣାଯାଇଛି । ବଜେଟ୍‌ରେ ଏବାବଦରେ କେନ୍ଦ୍ରରୁ ୬୭,୪୫୦ କୋଟି ଟଙ୍କା ମିଳିବ ବୋଲି ଆକଳନ କରାଯାଇଥିବାବେଳେ ଅଗଷ୍ଟ ଶେଷସୁଦ୍ଧା ମିଳିଛି ୨୬ହଜାର କୋଟିରୁ ଅଧିକ । ଏହା ଗତ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୯ ପ୍ରତିଶତ ଅଧିକ ରହିଛି ।

ତେବେ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଥିବାରୁ ଏବେ ରାଜ୍ୟରେ ବିଭିନ୍ନ କେନ୍ଦ୍ରୀୟ ପକଳ୍ପ ଓ ଯୋଜନା ଚଳାଇବା କଷ୍ଟକର ହୋଇପଡିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । କାରଣ ବହୁ ପ୍ରକଳ୍ପ ଏହି ଅର୍ଥ ଉପରେ ନିର୍ଭର କରୁଥିବାବେଳେ ସେଗୁଡିକ ରାଜ୍ୟ ସରକାର ପାଣ୍ଠିରୁ ଅର୍ଥ ଦେଇ ଚଳାଇ ରଖିବା କଷ୍ଟ ବ୍ୟାପାର ।

ରାଜ୍ୟ ସରକାର ବଜେଟ୍‌ର ଆକାର ୩ଲକ୍ଷ କୋଟି ଟଙ୍କାରୁ ଅଧିକ କରିଥିବାବେଳେ ଏହାର ସିଂହଭାଗ କେନ୍ଦ୍ରୀୟ ଅର୍ଥ ଉପରେ ନିର୍ଭର କରୁଛି । କେନ୍ଦ୍ରୀୟ ଅଂଶଧନ ଟିକସ, ଅନୁଦାନ ବାବଦରେ ମିଳୁଥିବା ଅର୍ଥକୁ ଦୃଷ୍ଟିରେ ରଖି ବଜେଟ୍ ପ୍ରସ୍ତୁତ ହେବା ସହିତ ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ରୂପରେଖ ପ୍ରସ୍ତୁତ ହୋଇଥାଏ । ବର୍ତ୍ତମାନ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଉଥିବାବେଳେ ଲଘୁ ଖଣିଜ ଦ୍ରବ୍ୟ, ବୃହତ୍ ଓ ମଧ୍ୟମ ଜଳସେଚନ ଆଦି କ୍ଷେତ୍ରରୁ ଆଦାୟ ଟିକସ ପୂର୍ବବର୍ଷ ତୁଳନାରେ ହ୍ରାସ ପାଉଥିବାରୁ ତାହା ଚିନ୍ତାର କାରଣ ହୋଇଛି ।

## ଛେନା ପୁର ମଣ୍ଡା ପିଠା


**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥରେ ଅରୁଆ ଚାଉଳକୁ ପାଣିରେ ଭିଜାଇ ରଖନ୍ତୁ। କିଛି ଘଂଟା ପରେ ଏହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏହାକୁ ଏକ ପାତ୍ରରେ ରଖନ୍ତୁ। ଏହା ପରେ ପୁର ପ୍ରସ୍ତୁତ କରିବା ପାଇଁ ନଡ଼ିଆ କୋରି ଦିଅନ୍ତୁ। ଗ୍ୟାସରେ କଡ଼େଇ ବସାଇ ନଡ଼ିଆ କୋରା, ଚିନି, ଛେନା ଏବଂ ଗୁଜୁରାତି ଗୁଣ୍ଡ ପକାଇ ଭାଜି ଦିଅନ୍ତୁ। ଆପଣ ଏଠାରେ ଚାହିଁଲେ ଚିନି ଜାଗାରେ ଗୁଡ଼ ମଧ ପକାଇ ପାରିବେ। ଏହାପରେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ। ପାଣି ଫୁଟିଯିବା ପରେ ଚାଉଳ ଚୂନା ପକାନ୍ତୁ ଓ ତାକୁ ଭଲ ଚଲାନ୍ତୁ। ଜନ୍ତା ପ୍ରସ୍ତୁତି ହୋଇଯିବା ପରେ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଜନ୍ତା ସାମାନ୍ୟ ଥଣ୍ଡା ହେବା ପରେ ସେଥିରେ ପୂର ଦେଇ ଗୋଲ ଗୋଲ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରି କରନ୍ତୁ। ପାଣି ଫୁଟିଯିବା ପରେ ସେଗୁଡ଼ିକୁ ସେଥିରେ ପକାନ୍ତୁ। କିଛି ସମୟ ପରେ ସେଗୁଡ଼ିକୁ ପାଣିରୁ କାଢ଼ି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ପୁର ଦିଆ ମଣ୍ଡାପିଠା।



### ..... ଖବର .....

## ଦୁନିଆରେ ସର୍ବଶ୍ରେଷ୍ଠ ଗୁରୁ



ଜଣେ ରାଜା ଥିଲେ। ତାଙ୍କୁ ଲେଖାପଢ଼ାର ଖୁବ ସଉକ ଥିଲା। ଏକଦା ମନ୍ତ୍ରୀ ପରିଷଦଙ୍କ ଜରିଆରେ ସେ ନିଜ ପାଇଁ ଏକ ଗୁରୁଙ୍କ ବ୍ୟବସ୍ଥା କରିବାକୁ ଜଣାଇଲେ। ଗୁରୁ ମଧ ରାଜାଙ୍କୁ ପଢାଇବାକୁ ପ୍ରତିଦିନ ଆସିବାକୁ ଲାଗିଲେ। ମାତ୍ର ରାଜାଙ୍କୁ କୌଣସି ଲାଭ ମିଳିବା ଭଳି ଅନୁଭବ ହେଲା ନାହିଁ। ରାଜା ଖୁବ ଚିନ୍ତିତ ରହିଲେ। ସେ ଗୁରୁଙ୍କ ଯୋଗ୍ୟତା ଓ ପ୍ରତିଭା ଉପରେ ମଧ ପ୍ରଶ୍ନ ଉଠାଇବାକୁ କୁଣ୍ଠା ପ୍ରକାଶ କଲେ, କାରଣ ସେ ଖୁବ ପ୍ରସିଦ୍ଧ ଗୁରୁ ଥିଲେ। ମାତ୍ର ଗୋଟିଏ ଦିନ ରାଣୀ ରାଜାଙ୍କୁ ପରାମର୍ଶ ଦେଇ କହିଲେ, ରାଜା ଆପଣ ଗୁରୁଙ୍କ ଏ ବିଷୟରେ ଥରେ ପଚାରି ଦେଖନ୍ତୁ। ଥରେ ରାଜା ସାହସ କରି ଗୁରୁଙ୍କ ସମ୍ମୁଖରେ ପଚାରିଲେ, ହେ ଗୁରୁଦେବ କ୍ଷମା କରନ୍ତୁ, ମୁଁ ବହୁ ମାସରୁ ଆପଣଙ୍କ ଠାରୁ ଶିକ୍ଷା ଗ୍ରହଣ କରୁଛି। ମାତ୍ର ମତେ କୌଣସି ଲାଭ ମିଳୁ ନାହିଁ, ଏହାର କାରଣ କ'ଣ ? ଗୁରୁଜୀ ଖୁବ ଶାନ୍ତ ସ୍ୱରରେ ଉତ୍ତର ଦେଲେ, ରାଜା ଏହାର କାରଣ ଖୁବ ସରଳ। ଏହା ଶୁଣି ରାଜା କହିଲେ, ମତେ ଶୀଘ୍ର ଏହାର ଉତ୍ତର ଦିଅନ୍ତୁ ଗୁରୁଦେବ। ଗୁରୁଜୀ କହିଲେ, ରାଜା କଥା ଖୁବ ସରଳ। ମାତ୍ର ଆପଣ ନିଜେ ବଡ଼ ଓ ଅଂହକାର କାରଣରୁ ଏହାକୁ ବୁଝି ପାରୁ ନାହାନ୍ତି। ଯାହା ଫଳରେ ଆପଣ ଚିନ୍ତିତ ଓ ଦୁଃଖୀ ହେଉଛନ୍ତି। ମାନୁଛି ଆପଣ ଜଣେ ବଡ଼ ରାଜା। ବିଭିନ୍ନ ଦୃଷ୍ଟିକୋଣରୁ ଆପଣ ମୋ ଠାରୁ ପଦବୀ, ପ୍ରତିଷ୍ଠାରେ ବଡ଼, ମାତ୍ର ଏଠାରେ ଆପଣଙ୍କର ଓ ମୋର ସମ୍ପର୍କ ହେଉଛି କେବଳ ଗୁରୁ ଓ ଶିଷ୍ୟର। ଗୁରୁ ହେବା ଦୃଷ୍ଟିରୁ ମୋ ସ୍ଥାନ ଆପଣଙ୍କ ଠାରୁ ଉଚ୍ଚରେ ହେବା ଆବଶ୍ୟକ। ମାତ୍ର ଆପଣ ସ୍ୱୟଂ ଉଚ୍ଚ ସିଂହାସନରେ ବସୁଛନ୍ତି ଏବଂ ମତେ ତଳେ ଆସନରେ ବସାଉଛନ୍ତି। ଏହାସହ ମନରେ ମଧ ରାଜା ହେବାର ଅହଂଭାବ ରଖୁଛନ୍ତି। କେବଳ ଏହି କାରଣରୁ ହିଁ ଆପଣଙ୍କୁ କୌଣସି ଶିକ୍ଷା ପ୍ରାପ୍ତି ହେଉ ନାହିଁ କି ଜ୍ଞାନ ପ୍ରାପ୍ତି ହେଉ ନାହିଁ। ଆପଣ ରାଜା ହୋଇଥିବାରୁ ମୁଁ ସିଧାସଳଖ ଏହି କଥା ଜଣାଇ ପାରୁ ନଥିଲି। କାଲି ଠାରୁ ଯଦି ଆପଣ ମତେ ଉଚ୍ଚ ଆସନରେ ବସାଇବା ସହ ସ୍ୱୟଂ ତଳେ ଆସନରେ ବସିବେ ତେବେ ଆପଣଙ୍କ ସମସ୍ୟାର ନିଶ୍ଚୟ ସମାଧାନ ହୋଇଯିବ। ଏହା ଶୁଣି ରାଜାଙ୍କୁ ନିଜର ଭୁଲକୁ ସ୍ୱୀକାର କରିବା ସହ ନିଜ ଭୁଲକୁ ସୁଧାରିଲେ। ଏହାସହ ଗୁରୁଙ୍କ ଠାରୁ ଶିକ୍ଷା ମଧ ପ୍ରାପ୍ତି କଲେ। ଏହି ସୁନ୍ଦର କାହାଣୀର ସାରାଂଶ ହେଉଛି, ଆମେ ନିଜେ ସମ୍ପର୍କ, ପଦବୀ, ଧନବୈଭବ ଯେଉଁଥିରେ ମଧ ଉଚ୍ଚ ସ୍ଥାନରେ ରହିଲେ ମଧ ଗୁରୁଙ୍କୁ ସର୍ବଦା ଉଚ୍ଚରେ ରଖିବା ସହ ତାଙ୍କୁ ଯଥେଷ୍ଟ ସମ୍ମାନ ଦେବା ଉଚିତ। କେବଳ ଉଚ୍ଚ ନୀଚ ଆସନରେ ନୁହେଁ ବରଂ ମନରୁ ମଧ ଗୁରୁଙ୍କୁ ସମ୍ମାନ ଦେବା ନିତାନ୍ତ ଆବଶ୍ୟକ।

## ସୂର୍ଯ୍ୟଙ୍କ କିରଣରେ ରହିଛି ଏହିସବୁ ବାସ୍ତୁ ଟିପ୍ସ

ଆମ ସଂସ୍କୃତି ,ପରମ୍ପରାରେ ସୂର୍ଯ୍ୟଙ୍କୁ ସକଳ ଶକ୍ତିର ଆଧାର କୁହାଯାଇଥାଏ। ତେଣୁ ସକାଳେ ଉଠିବା ମାତ୍ରେ ସମସ୍ତେ ପ୍ରାୟତଃ ସୂର୍ଯ୍ୟ ପୂଜା କରିଥାନ୍ତି । ସୂର୍ଯ୍ୟ ଦେବତା ମନସ୍କାମନା ପୂର୍ଣ୍ଣ କରିଥାନ୍ତି ବୋଲି ଶାସ୍ତ୍ରରେ ମାନ୍ୟତା ରହିଛି । ତେବେ ଶାସ୍ତ୍ର ପରି ଜ୍ୟୋତିଷ ଓ ବାସ୍ତୁ ଶାସ୍ତ୍ରରେ ମଧ୍ୟ ସୂର୍ଯ୍ୟଙ୍କର ମହତ୍ତ୍ୱ ରହିଛି। ବାସ୍ତୁ ଅନୁସାରେ ,ଗୃହରେ ସୂର୍ଯ୍ୟ କିରଣ ପଡିବା ଦ୍ୱାରା ନକାରାତ୍ମକ ଶକ୍ତିର ବିନାଶ ହୋଇଥାଏ । ଏହା ସ୍ୱାସ୍ଥ୍ୟ ଲାଗି ମଧ୍ୟ ଭଲ ହୋଇଥାଏ । ସୂର୍ଯ୍ୟ କିରଣକୁ ନେଇଥିବା କିଛି ବାସ୍ତୁ ଟିପ୍ସ ସମ୍ପର୍କରେ ଆସନ୍ତୁ ଜାଣିବା ।



ସୂର୍ଯ୍ୟଙ୍କ କିରଣକୁ ଶକ୍ତିର ଉତ୍ସ ବୋଲି କୁହାଯାଏ । ଯେଉଁ ଘରେ ସୂର୍ଯ୍ୟ କିରଣ ପଡେନାହିଁ ,ସେଠାରେ ବାସ୍ତୁ ଦୋଷ ଉତ୍ପନ୍ନ ହୋଇଥାଏ । ଭୋର ୪ଟାରୁ ୬ଟା ପର୍ଯ୍ୟନ୍ତ ସମୟକୁ ବ୍ରାହ୍ମ ମୁହୂର୍ତ୍ତ କୁହାଯାଇଥାଏ । ଏହି ସମୟରେ ସୂର୍ଯ୍ୟ ଅସୀମ ଉର୍ଜାର ଭଣ୍ଡାର ହୋଇଥାନ୍ତି । ଏହି ସମୟରେ ସୂର୍ଯ୍ୟ ଦେବତା ଐଶାନ୍ୟ କୋଣରେ ଅବସ୍ଥାପିତ ହୋଇଥାନ୍ତି । ତେଣୁ ଘରର ଐଶାନ୍ୟ କୋଣରେ ଠାକୁର ଘର କମ୍ବା ଅଧ୍ୟୟନ କକ୍ଷ ରହିବା ଉଚିତ୍ । ରାତି ୯ଟାରୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ କୋଣରେ ରହିଥାନ୍ତି । ତେଣୁ ଏଦିଗରେ ଗ୍ୟାରେଜ,ଗୋଶାଳା ଆଦି ରହିବା ଉଚିତ ।

ବାସ୍ତୁରେ ଏହା ମଧ୍ୟ କୁହାଯାଇଛି ଯେ ଆପଣଙ୍କ ବାଥରୁମ୍ ଓ ରୋଷେଇ ଘରେ ମଧ୍ୟ ସୂର୍ଯ୍ୟଙ୍କର କିରଣ ଯେପରି ପଡେ,ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଏହାଦ୍ୱାରା ଆପଣଙ୍କ ଜୀବନରୁ ଅଶୁଭ ଗ୍ରହ ଦୋଷ ଦୂର ହୋଇଥାଏ ।

## କାମାଶ୍ରମର ନାମକରଣ

ଦଶରଥଙ୍କଠାରୁ ଅନୁମତି ପାଇଁ ଋଷି ବିଶ୍ୱାମିତ୍ରଙ୍କ ସହ ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣ ଯାତ୍ରା କଲେ । ଏହିପରି ଯାଉ ଯାଉ ପଥ ମଧ୍ୟରେ ଏକ ଆଶ୍ରମ ପଡ଼ିଲା । ସେହି ସମୟକୁ ସନ୍ଧ୍ୟା ଆଗତପ୍ରାୟ । କୁମାରଦ୍ୱୟ ପାଦରେ ଚାଲି ଚାଲି ପଥଶ୍ରାନ୍ତ ହୋଇଥିବେ ମନେ କରି ବିଶ୍ୱାମିତ୍ର ସେହି ଆଶ୍ରମ ମଧ୍ୟକୁ ପ୍ରବେଶ କଲେ ଏବଂ କୁମାରଦ୍ୱୟଙ୍କୁ ତାଙ୍କ ପଛରେ ଆସିବାକୁ ନିର୍ଦ୍ଦେଶ ଦେଲେ । ବିଶ୍ୱାମିତ୍ର ଯେଉଁ ଆଶ୍ରମରେ ବିଶ୍ରାମ ନେଲେ, ସେହି ଆଶ୍ରମର ଋଷି ଓ ଶିଷ୍ୟମାନେ ଆସି ବିଶ୍ୱାମିତ୍ରଙ୍କୁ ବହୁତ୍ ସମାଦନ ସହକାରେ ଗ୍ରହଣ କଲେ । ବିଶ୍ୱାମିତ୍ର ଅଯୋଧ୍ୟାର ରାଜକୁମାରଙ୍କ ପରିଚୟ ସେହି ଆଶ୍ରମବାସୀଙ୍କୁ ଜଣାଇଲେ ।



ଆଶ୍ରମବାସୀ ରାମ ଲକ୍ଷ୍ମଣଙ୍କୁ ଦେଖି ବହୁତ ଆନନ୍ଦ ଅନୁଭବ କଲେ । ବିଶ୍ୱାମିତ୍ର ଓ ରାଜକୁମାରଦ୍ୱୟଙ୍କୁ ସ୍ୱାଦିଷ୍ଟ ଫଳମୂଳ ଦ୍ୱାରା ସତ୍କାର କଲେ ଏବଂ ରାତ୍ରରେ ଶୟନ ପାଇଁ କୋମଳପତ୍ର ବିଛଣା ପ୍ରସ୍ତୁତ କରିଦେଲେ । ଶୟନ ସମୟରେ ରାମ ଲକ୍ଷ୍ମଣ ଗୁରୁଙ୍କ ପଦସେବା କରିବା ସମୟରେ ରାମ କହିଲେ, ଗୁରୁଦେବ! ଏହି ଆଶ୍ରମର ନାମ କ'ଣ ଦୟାକରି ଜଣାନ୍ତୁ । ବିଶ୍ୱାମିତ୍ର କହିଲେ, ବତ୍ସ !ଏହି ଆଶ୍ରମର ନାମ ହେଉଛି 'କାମାଶ୍ରମ' । ଏହି ସ୍ଥାନରେ ଭଗବାନ ଶଙ୍କର ତପସ୍ୟା କରୁଥିଲେ । ସ୍ୱର୍ଗରୁ ନରକାସୁର ଉତ୍ପାତ ଆରମ୍ଭ କରିଦେଲା । ଭଗବାନ ଶଙ୍କରଙ୍କର ଶକ୍ତି ନ ହେଲେ ସେହି ଦାନବର ମୃତ୍ୟୁ ହେବ ନାହିଁ । ତେଣୁ ଦେବରାଜ ଇନ୍ଦ୍ର ଭଗବାନ ଶଙ୍କର ତପଃ ଭଗ୍ନ ପାଇଁ କାମଦେବକୁ ସେହି ସ୍ଥାନକୁ ପଠାଇଥିଲେ । ସେଠାରେ କାମଦେବ ଫୁଲଶର ମାରି ପ୍ରଭୁଙ୍କ ତପ ଭଗ୍ନ କରିଥିଲେ । କାମଦେବ ଭସ୍ମ ହୋଇଯିବା ପରେ ଭଗବାନ ଶିବ ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ । ଦେବଗଣ ଦେବୀ ପାର୍ବତୀଙ୍କୁ ସହାୟତାରେ ମହଦେଙ୍କ ନିୟମନ୍ତ୍ରଣ କଲେ। ଏହାଦ୍ୱାରା କାର୍ତ୍ତିକେୟ ଜନ୍ମ ନେଲେ। କାର୍ତ୍ତିକେୟ ନରକାସୁରକୁ ସଂହାର କଲେ । କାମଦେବଙ୍କ ପତ୍ନୀ ରତି ଦେବୀ ବିଳାପ କଲେ ଓ ଶିବଙ୍କୁ ପୂଜା କଲେ । ଭଗବାନ ଶିବ ସନ୍ତୁଷ୍ଟ ହୋଇ ଏହି ଆଶ୍ରମ ତିଆରି କରିଦେଲେ । ରତି ସେହିଦିନରୁ ଏହି ଆଶ୍ରମରେ ଅଛନ୍ତି । ଏହି ଆଶ୍ରମର ନାମ ସେଥିଯୋଗୁଁ କାମଦେବଙ୍କ ନାମରେ କାମାଶ୍ରମ ହୋଇଛି । ବିଶ୍ୱାମିତ୍ର କହିଲେ ହେ ରାମ / ରାତ୍ରି ଗଭୀର ହେଲା । ଏବେ ବିଶ୍ରାମ ନିଅ, କାଲି ବହୁତ୍ ଦୂରପଥ ଯାତ୍ରା କରିବାକୁ ହେବ। ରାମଲକ୍ଷ୍ମଣ ଗୁରୁଙ୍କ ନିର୍ଦ୍ଦେଶନୁସାରେ ବିଶ୍ରାମ ନେଲେ ।

## କର୍ମ ତ୍ୟାଗ କରିଥିବା ବ୍ୟକ୍ତି ଯୋଗୀ ନୁହନ୍ତି



କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଅର୍ଜୁନଙ୍କ ବିଷାଦ ଦୂର କରିବା ପାଇଁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କର୍ମସନ୍ନ୍ୟାସ ଯୋଗ ସମ୍ପର୍କରେ ବୁଝାଇବା ପରେ ବି ଅର୍ଜୁନଙ୍କ ବିଷାଦ ଦୂର ହୋଇନାହିଁ । ଏହାପରେ ଭଗବାନ ତାଙ୍କୁ ଆତ୍ମସଂଯମଯୋଗ ସମ୍ପର୍କରେ ବୁଝାଇବାକୁ ଚାହିଁଛନ୍ତି । କହିଛନ୍ତି, 'ଯେଉଁ ପୁରୁଷ କର୍ମଫଳକୁ ଆଶ୍ରୟ ନକରି ନିର୍ଦ୍ଧାରିତ କର୍ମ କରନ୍ତି ସେ ସନ୍ନ୍ୟାସୀ ଓ ଯୋଗୀ ଅଟନ୍ତି । କେବଳ ଅଗ୍ନି ତ୍ୟାଗ କରିଥିବା ବ୍ୟକ୍ତି ସନ୍ୟାସୀ ନୁହଁନ୍ତି କି କର୍ମ ତ୍ୟାଗ କରିଥିବା ବ୍ୟକ୍ତି ଯୋଗୀ ନୁହନ୍ତି । ସଂକଳ୍ପ ତ୍ୟାଗ କରିନଥିବା କୌଣସି ବି ପୁରୁଷ ଯୋଗୀ ହୋଇପାରେ ନାହିଁ । କିନ୍ତୁ ଯେଉଁମାନେ ନିଷ୍କାମ ଭାବରେ କର୍ମ କରି ଚାଲନ୍ତି ସେମାନେ ଯୋଗାରୁଢ଼ । ଆଉ କୌଣସି ବ୍ୟକ୍ତି ଯୋଗାରୂଢ ହୋଇଯିବା ପରେ ତାଙ୍କ ମନରେ ସର୍ବସଂକଳ୍ପ ଶୂନ୍ୟତା ଆସିଥାଏ ଏବଂ ତାହା ତାଙ୍କ ପାଇଁ କଲ୍ୟାଣକର ହୋଇଥାଏ । ଏହି ଯୋଗାରୂଢ ପୁରୁଷମାନେ ଇନ୍ଦ୍ରିୟଭୋଗ ଓ କର୍ମମାନଙ୍କରେ ଆସକ୍ତ ହୁଅନ୍ତି ନାହିଁ ।' ଏହାସହ ଭଗବାନ ମଧ କହିଛନ୍ତି ଯେ, 'ମନୁଷ୍ୟ ନିଜକୁ ନିଜେ ଅଧାଗତିରେ ନପାକାଇ ସଂସାର ସାଗରରୁ ଉଦ୍ଧାର କରିବା ଉଚିତ । କାରଣ ସେ ନିଜେ ନିଜର ମିତ୍ର ଓ ନିଜେ ନିଜର ଶତ୍ରୁ ଅଟେ । ଯେଉଁ ଜୀବାତ୍ମା ମନ, ଇନ୍ଦ୍ରିୟ ସହିତ ଶରୀରକୁ ଜୟ କରିପାରିଛି ସେ ନିଜର ମିତ୍ର ଓ ଯେଉଁ ଜୀବାତ୍ମା ମନ, ଇନ୍ଦ୍ରିୟ ତଥା ଶରୀରକୁ ଜୟ କରିପାରି ନାହିଁ ସେ ନିଜର ଶତ୍ରୁ ପରି ଆଚରଣ କରେ । ସେହିପରି ଶୀତ-ଉଷ୍ଣ, ସୁଖ-ଦୁଃଖ ଓ ମାନ-ଅପମାନରେ ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ଶାନ୍ତ ରହନ୍ତି ସେହି ସ୍ୱାଧୀନ-ଆତ୍ମବିଶିଷ୍ଟ ପୁରୁଷଙ୍କ ନିକଟରେ ପରମାତ୍ମା ଅବସ୍ଥାନ କରନ୍ତି ଏବଂ ତାଙ୍କ ଜ୍ଞାନରେ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ରହେନାହିଁ । ଯାହାଙ୍କ ଅନ୍ତଃକରଣ ଈଶ୍ୱରଙ୍କ ଜ୍ଞାନରେ ତୃପ୍ତ, ଯାହାଙ୍କ ସ୍ଥିତି ବିକାର ଶୂନ୍ୟ ଓ ଯାହାଙ୍କ ଇନ୍ଦ୍ରିୟମାନେ ସମ୍ପୂର୍ଣ୍ଣ ବଶୀଭୂତ ହୋଇଯାଇଛନ୍ତି ତାଙ୍କ ପାଇଁ ମାଟି, ପଥର, ସୁନା ସମାନ ହୋଇଥାଏ ତାଙ୍କର ଭଗବତପ୍ରାପ୍ତ ଯୋଗ ହୋଇଥାଏ । ସେହିପରି ସୁହୃଦ(ସ୍ୱାର୍ଥରହିତ ହୋଇ ସମସ୍ତଙ୍କ ହିତ କରୁଥିବା ବ୍ୟକ୍ତି), ମିତ୍ର, ଶତ୍ରୁ, ଉଦାସୀନ(ପକ୍ଷପାତ ରହିତ ବ୍ୟକ୍ତି), ମଧ୍ୟସ୍ଥ (ଉଭୟ ପକ୍ଷର ମଙ୍ଗଳକାମୀ), ବନ୍ଧୁଗଣ, ଧର୍ମାତ୍ମା, ପାପୀଙ୍କ ଠାରେ ସମାନ ଭାବ ରଖିଥିବା ବ୍ୟକ୍ତି ସଂସାରରେ ଶ୍ରେଷ୍ଠ ବୋଲି ମଧ ଭଗବାନ ଅର୍ଜୁନଙ୍କୁ ବୁଝାଇଛନ୍ତି। ଯୋଗ କିପରି କରାଯାଏ ସେ ସମ୍ପର୍କରେ ବୁଝାଇବାକୁ ଯାଇ ଭଗବାନ କହିଛନ୍ତି ଯେ, 'ମନ ଓ ଇନ୍ଦ୍ରିୟମାନଙ୍କ ସହିତ ଶରୀରକୁ ବଶ କରି ରଖିଥିବା, ଆଶାରହିତ ଓ ସଂଗ୍ରହ-ଇଚ୍ଛାଶୂନ୍ୟ ଯୋଗୀ ଏକାନ୍ତରେ ରହି ଆତ୍ମାକୁ ନିରନ୍ତର ଭାବରେ ପରମାତ୍ମା ପ୍ରାପ୍ତି ପାଇଁ ଲଗାଇବା ଉଚିତ । ଶୁଦ୍ଧଭୂମି ଉପରେ କ୍ରମଶଃ କୁଶଃ ପକାଇ, କୁଶଃ ଉପରେ ମୃଗଚର୍ମ ଓ ତା'ଉପରେ ବସ୍ତ୍ର ବିଛାଇ ଅତି ଉଚ୍ଚ ବା ନିଚା ନକରି ସେହି ଆସନ ଉପରେ ବସି, ଚିତ୍ତ ଓ ଇନ୍ଦ୍ରିୟମାନଙ୍କୁ ନିୟନ୍ତ୍ରଣ କରି, ମନକୁ ଏକାଗ୍ର କରି ଅନ୍ତଃକରଣ ଶୁଦ୍ଧି ପାଇଁ ଯୋଗାଭ୍ୟାସ କରିବା ଉଚିତ । ଯୋଗାଭ୍ୟାସ ସମୟରେ ଶରୀର, ଶୀର ଏବଂ ଗ୍ରୀବା ସଳଖ ଓ ଅଚଳ ରଖି ଏବଂ ସ୍ଥିର ହୋଇ, ନିଜ ନାସିକାର ଅଗ୍ରଭାଗରେ ଦୃଷ୍ଟି ନିବଦ୍ଧ କରି ଅନ୍ୟଆଡ଼େ ନଚାହିଁ ବ୍ରହ୍ମଚର୍ଯ୍ୟବ୍ରତରେ ରହି, ଭୟରହିତ ହୋଇ ଶାନ୍ତ ଭାବରେ ମନ ସଂଯତ କରି ଈଶ୍ୱର(ମୋତେ)ଙ୍କ ଧ୍ୟାନ କରିଲେ ଈଶ୍ୱରପ୍ରାପ୍ତ ହୁଅନ୍ତି ।'

## ଗୃହସ୍ଥ ଧର୍ମର ମହତ୍ତ୍ୱ

ମହାଭାରତ ଯୁଦ୍ଧ ଶେଷ ହୋଇସାରିଥିଲା । ଧର୍ମରାଜ ଯୁଧିଷ୍ଠିର ଦିନେ ଏକାନ୍ତରେ ବସିଥିଲେ । ଏହି ସମୟରେ ତାଙ୍କ ମନରେ ଏକ ବିଚାର ଆସିଲା । ସେ ଭାବିଲେ, ନିଜ ଭାଇବନ୍ଧୁଙ୍କୁ ହତ୍ୟା କରି ସେ ରାଜ୍ୟପ୍ରାପ୍ତ କରିଛନ୍ତି । ଏଣୁ ସନ୍ନ୍ୟାସ ନେଇଯିବା



ତାଙ୍କ ପକ୍ଷେ ଉଚିତ୍ ହେବ । ଏହି ନିଷ୍ପତ୍ତି ଅନ୍ୟ ଭ୍ରାତାମାନଙ୍କୁ ଶୁଣାଇବା ପରେ ସେମାନେ ଦୁଃଖିତ ହେଲେ । ଅର୍ଜୁନ କହିଲେ, ଭ୍ରାତାଶ୍ରୀ ! ଗୃହସ୍ଥ ଜୀବନଯାପନ କରି ସୁଦ୍ଧା ପୁଣ୍ୟ ଅର୍ଜନ କରାଯାଇପାରିବ । ଭୀମ ଗମ୍ଭୀର ବଚନରେ ନିଜ ମନର ଯନ୍ତ୍ରଣା ପ୍ରକଟ କରି କହିଲେ, ସନ୍ନ୍ୟାସ କ୍ଷତ୍ରିୟଙ୍କ ପାଇଁ ଧର୍ମ ହୋଇପାରେ । ତେବେ ନିଜ କର୍ତ୍ତବ୍ୟ ପାଳନ କରିବା ଦ୍ୱାରା ମଧ ଆମେ ଧର୍ମ ଅର୍ଜନ କରିପାରିବା । ଏହାପରେ ନକୁଳ ଏବଂ ସହଦେବ ମଧ ନିଜ ବଡ଼ଭାଇ ଯୁଧିଷ୍ଠିରଙ୍କୁ ବୁଝାଇବାର ପ୍ରୟାସ କଲେ । ଶେଷରେ ଦ୍ରୌପଦୀ କହିଲେ, ମହାରାଜ ! ଦୁର୍ଯ୍ୟୋଧନ ଏବଂ ତା'ପକ୍ଷର ଲୋକମାନଙ୍କୁ ମାରିବା ସମ୍ପୂର୍ଣ୍ଣ ଭାବେ ନ୍ୟାୟସଙ୍ଗତ ଥିଲା । ଏଭଳି ସ୍ଥିତିରେ ଚିନ୍ତା କରିବାର ଆବଶ୍ୟକତା ନାହିଁ । ଯେଉଁମାନେ ପାପ କରିଛନ୍ତି, ସେମାନେ ଦଣ୍ଡ ପାଇବା ପାଇଁ ଯୋଗ୍ୟ । ପାଣ୍ଡବଙ୍କ ମଧ୍ୟରେ ଏହି ଧର୍ମଚର୍ଚ୍ଚା ଚାଲିଥିବା ବେଳେ ସେଠାରେ ଭଗବାନ ବେଦବ୍ୟାସ ପହଞ୍ଚିଲେ । ସେ ମଧ ଇତିହାସ ଏବଂ ଧର୍ମ ଶାସ୍ତ୍ର ଜରିଆରେ ଯୁଧିଷ୍ଠିରଙ୍କୁ ବୁଝାଇବା ଲାଗି ପ୍ରୟାସ କଲେ । ଏହାପରେ ଯୁଧିଷ୍ଠିର ରାଜିହେଲେ । ହସ୍ତିନାପୁରରେ ସମ୍ପୂର୍ଣ୍ଣ ରାଜକୀୟ ମର୍ଯ୍ୟାଦା ସହ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ହେଲା । ତେବେ କ୍ଷମତାସୀନ୍ ହେବା ପୂର୍ବରୁ ଯୁଧିଷ୍ଠିର ପ୍ରଥମେ ପିତାମହ ଭୀଷ୍ମଙ୍କ ଠାରୁ ନୀତିଶିକ୍ଷା ହାସଲ କରିଥିଲେ ବୋଲି ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ରହିଛି । ଶରଶଯ୍ୟାରେ ଶୋଇ ରହି ଆପଣାର ମୃତ୍ୟୁକୁ ପ୍ରତୀକ୍ଷା କରୁଥିବା ସମୟରେ ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ନୀତି ଉପଦେଶ ପ୍ରଦାନ କରିଥିଲେ । ଏହାପରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ସହିତ ସେ ଦେହତ୍ୟାଗ କଲେ । ଏହି ସମୟରେ ପରମ୍ପରା ଅନୁଯାୟୀ ଗଙ୍ଗାନଦୀରେ ତାଙ୍କର ଜଳତର୍ପଣ କରାଯାଇଥିଲା । ଏହି ଘଟଣା ପରେ ଯୁଧିଷ୍ଠିର ଅନେକ ଦଶକ ପର୍ଯ୍ୟନ୍ତ ହସ୍ତିନାପୁରରେ ଧର୍ମରାଜ୍ୟ ପ୍ରତିଷ୍ଠା କରିଥିଲେ । ଶେଷରେ କଳିଯୁଗ ଆରମ୍ଭ ସମୟ ଉପନୀତ ହେବାରୁ ସେ ଏବଂ ଅନ୍ୟ ପାଣ୍ଡବମାନେ ସ୍ୱର୍ଗ ଅଭିମୁଖେ ପ୍ରସ୍ଥାନ କରିଥିଲେ ।

# ଫୋକସରେ ପଞ୍ଚାୟତ ନିର୍ବାଚନ

ଆସନ୍ତା ବର୍ଷ ଫେବୃଆରୀରେ ରାଜ୍ୟରେ ବିଭିନ୍ନ ପଞ୍ଚାୟତର ୫ ବର୍ଷିଆ କାର୍ଯ୍ୟକାଳ ପୂରଣ ହେଉଛି। ତା ପୂର୍ବରୁ ଏଥିଲାଗି ନିର୍ବାଚନ ହେବା କଥା। କିନ୍ତୁ ଏସଆଇଆର ଏବଂ ଜନଗଣନା ଲାଗି ଏହା କିଛିଟା ବିଳମ୍ବିତ ହେବ। ଆସନ୍ତା ବର୍ଷ ମାର୍ଚ୍ଚ-ଏପ୍ରିଲରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ କହିଛନ୍ତି। ଅର୍ଥାତ ଆଉ ୭ ମାସ ପରେ ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତ ନିର୍ବାଚନ ହେବ। ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଶକ୍ତିପରୀକ୍ଷା ପାଇଁ ଏହା ଏକ ସୁଯୋଗ। ଏଥିପାଇଁ ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଶାସନ କ୍ଷମତାରେ ଥିବା ବିଜେପି ବିଶେଷ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ପାଇଁ ଏହା ଏକ ପ୍ରକାର ଅଗ୍ନିପରୀକ୍ଷା ବା ସମ୍ମାନର ପ୍ରଶ୍ନ କହିଲେ ଭୁଲ ହେବ ନାହିଁ। ଯଦି ଏହି ନିର୍ବାଚନରେ ବିଜେପି ଆଶାନୁରୂପ ସଫଳତା ନପାଏ ତେବେ ମୋହନ ଓ ମନମୋହନଙ୍କ ସ୍ଥିତି ଦୋହଲିଯାଇପାରେ। ସେହିପରି ୩୦୩୪ ନିର୍ବାଚନରେ ପରାଜିତ ହୋଇ ବିଜେଡି ଏବେ ଏକ ପ୍ରକାର ଘାଇଲା ବାଘ ସଦୃଶ ହୋଇରହିଛି। ତେଣୁ ପଞ୍ଚାୟତ ନିର୍ବାଚନରେ ଦଳ ପ୍ରତି ଜନସମର୍ଥନ ଫେରାଇ ଆଣିବା ଏବଂ ଜନତାଙ୍କ ଆସ୍ଥା ଓ ବିଶ୍ୱାସ ପୁନର୍ବାର ଫେରିପାଇବା ପାଇଁ ବିଜେଡି ପଞ୍ଚାୟତ ନିର୍ବାଚନରେ ସବୁ କିଛି ବାଜି ଲଗାଇଦେବାର ସମ୍ଭାବନା ରହିଛି। ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଓ ଭାବମୂର୍ତ୍ତୀ ଏବେ ବି ଅକ୍ଷୁର୍ଣ୍ଣ ରହିଛି। ଏହାକୁ ପାଥେୟ କରି ବିଜେଡି ପଞ୍ଚାୟତ ଲଢ଼େଇକୁ ଯିବ। ଏଥିପାଇଁ ନବୀନ ବାବୁ ମଧ୍ୟ ମାନସିକ ସ୍ତରରେ ପ୍ରସ୍ତୁତ ହେଉଛନ୍ତି। ତୃଣମୂଳ ସ୍ତରରେ ବିଜେଡିର ସଙ୍ଗଠନ ରହିଛି। ପ୍ରତି ଗାଁ ଗାଁରେ ବିଜେଡିର ବା ନବୀନ ବାବୁଙ୍କ ଭୋଟ ବ୍ୟାଙ୍କ ରହିଛି। କେବଳ ଅନ୍ତର୍ଘାତୀ କାର୍ଯ୍ୟକୁ ଭୟ। ଯଦି ବିଜେପି ପଞ୍ଚାୟତ ନିର୍ବାଚନରେ ବିଜେଡି ଭୋଟକୁ କିଣିବାକୁ ଏବଂ ଦଳୀୟ ନେତାଙ୍କୁ ନିଜ ପକ୍ଷକୁ ଆଣିବାକୁ ପ୍ରୟାସ କରେ ତେବେ ଭିନ୍ନ କଥା। ଏଭଳି ସମ୍ଭାବନା ଯେ ନାହିଁ, ସେକଥା ନୁହେଁ। ଏଥିପାଇଁ ବିଜେପି ଏବେଠାରୁ ରଣନୀତି ପ୍ରସ୍ତୁତ କରୁଛି। ଅତୀତରେ ବିଜେଡି ୭ଯାହା କରୁଥିଲା, ଏବେ ବିଜେପି ସେହି ଅସ୍ତ୍ରପ୍ରୟୋଗ କରିବାକୁ ପ୍ରସ୍ତୁତ ହେଉଛି। କଟକରେ ଅନୁଷ୍ଠିତ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଏଥିଲାଗି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ଲୋକଙ୍କ ସହ ଯୋଡ଼ି ହେବା ଏବଂ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ପଅତି ଘରେ, ଗାଁରେ ପହଞ୍ଚାଇବାକୁ ଦଳ ନିଷ୍ପତ୍ତି ନେଇଛି। ବିଜେପିର ଅନେକ ନିର୍ବାଚିତ ପ୍ରତିନିଧି ଏବଂ ନେତା ଏବେ ଲୋକପ୍ରିୟତା ହରାଇଛନ୍ତି। ସେମାନଙ୍କ ପାଇଁ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ଏକପ୍ରକାର ଏସିଡ ଟେଷ୍ଟ ସଦୃଶ ହେବ। ସେହିପରି ରାଜ୍ୟର ତୃତୀୟ ବୃହତ୍ତମ ରାଜନୈତିକ ଦଳ କଂଗ୍ରେସ ମଧ୍ୟ ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଧିରେ ଧିରେ ଶକ୍ତିଶାଳି ହେଉଛି। ପଞ୍ଚାୟତ ନିର୍ବାଚନ ପାଇଁ ଦଳ ଏବେ ବଳ ସାଉଁଟୁଛି। ଅନେକ ତୃଣମୂଳ ସ୍ତରର ନେତା ଓ କର୍ମୀ କଂଗ୍ରେସକୁ ଫେରିଛନ୍ତି। ଦଳର ରାଜନୈତିକ ବ୍ୟାପାର କମିଟି ଏବଂ କାର୍ଯ୍ୟକାରୀ କମିଟି ପୁନର୍ଗଠିତ ହୋଇଛି। ଏଥିରେ ପ୍ରାୟ ସବୁ ନେତାଙ୍କୁ ସାମିଲ କରାଯାଇଛି। ସମସ୍ତଙ୍କ ପାଇଁ କିଛି ନା କିଛି ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ଦ୍ଧାରିତ ହୋଇଛି। କିନ୍ତୁ କଂଗ୍ରେସ ଏକ ବିରାଟ ଦଳ। ଏଥିରେ ଅନେକ ନେତା ଅଛନ୍ତି। ସମସ୍ତଙ୍କୁ କମିଟିରେ ନେବା ସମ୍ଭବ ନୁହେଁ। କିନ୍ତୁ ଭକ୍ତ ଚତୁରତାର ସହ ଏକ ସନ୍ତୁଳିତ ପିସିସି ଗଠନ ଲାଗି ପ୍ରୟାସ କରିଛନ୍ତି। ଏହା ଯଦି କ୍ଲିକ କରିବ ତେବେ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଅପ୍ରତ୍ୟାଶିତ ବିଜୟ ହାସଲ କରିବା ଅସମ୍ଭବ ନୁହେଁ। ରାଜ୍ୟରେ କ୍ଷମତାସୀନ ଦଳ ବିରୋଧରେ ଅନେକ ପ୍ରସଙ୍ଗ ରହିଛି। ଏହାକୁ କଂଗ୍ରେସ ଓ ବିଜେଡି ମଧ୍ୟରୁ ଯିଏ ଭୋଟରେ ରୂପାନ୍ତରିତ କରିପାରିବ ସେ ଏହି ନିର୍ବାଚନରେଯ ଜୟଯୁକ୍ତ ହେବ।

# ଭିତରକନିକାର ଭିତିରି କଥା

"

*ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ'ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ'ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ'ଣ ବୁଝନ୍ତି ଓ ଦେଖନ୍ତି ।*

॥ ବାଦଲ ଭୂୟାଁ ॥

ଭିତରକନିକାର ବିଶ୍ ପ୍ରସିଦ୍ଧ କୁମ୍ଭୀର, ଡ଼ଲଫିନ, ଅଲିଭ୍ ରିଡ଼ଲେ କଇଁଛ, ହେନ୍ତାଳବଣ, ବିସ୍ତୃତ ବେଳାଭୂମି ସହିତ ଜୀବଜନ୍ତୁ ଭରା ସବୁଜ ସୁନ୍ଦର ପରିବେଶ ଦେଶ ବିଦେଶର ପର୍ଯ୍ୟଟକ ଓ ଗବେଷକଙ୍କୁ ଆକୃଷ୍ଟ କରିଥାଏ । ବିଗତ ଏକ ଦଶନ୍ଧି ହେଲା, ମୁଁ ପ୍ରତି ବର୍ଷ ଭିତରକନିକା ଭ୍ରମଣ କରିବାକୁ ଯାଇଛି । ଏମିତି ଯିବା ଆସିବା ଭିତରେ ଅନେକ ଅନୁଭୂତିର କଥା ମଧ ଅଛି । ଗତ ବର୍ଷ ମୁଁ ଓ ମୋର ଛଅ ଜଣ ବନ୍ଧୁ ଭିତରକନିକା ବୁଲିବାକୁ ଯାଇଥିଲୁ । ଭିତରକନିକା ଅଭୟାରଣ୍ୟ ମଧରେ ବୋଟରେ ବୁଲିକି କୁମ୍ଭୀର, ପଶୁପକ୍ଷୀ ତଥା ହେନ୍ତାଳ ବଣ ଦେଖିବା ଅତି ଆକର୍ଷଣୀୟ । ବୋଟ ଚାଳକ କହିଲେ ବୋଟର କ୍ଷମତା ୨୦ ଜଣ, ଜଣେ ଲୋକ ଗଲେ ଯେତିକି ଟଙ୍କା ପଡିବ, ୨୦ ଜଣ ଗଲେ ମଧ ସେତିକି ଟଙ୍କା ଲାଗିବ । ତେଣୁ ଆମେ ଚିନ୍ତା କଲୁ ଯଦି ଆଉ କିଛି ପର୍ଯଟକ ଆମ ସହିତ ମିଶିକି ବୁଲନ୍ତେ ତେବେ ଟଙ୍କା ଭାଗକରି ଦେଲେ ଖର୍ଚ୍ଚ ପରିମାଣ କମିଯାଆନ୍ତା । ଯାହା ହେଉ ଆଉ ତିନି ଜଣ ପର୍ଯ୍ୟଟକ ମିଳିଗଲେ । ସେମାନଙ୍କ ମଧରେ ୨ ଜଣ ପୁରୁଷ ଓ ଜଣେ ମ୍ୟାଡାମ୍ ଥିଲେ ।

ବୋଟରେ ଯାତ୍ରା କରୁଥିବା ସମୟରେ ବିଭିନ୍ନ କଥା ଆଲୋଚନା ଚାଲିଥାଏ କିନ୍ତୁ ସେ ମ୍ୟାଡାମ୍ ଜଣକ ଚୁପଚାପ ଥାଅନ୍ତି । କିଛି ସମୟ ପରେ ମୋର ଜଣେ ବନ୍ଧୁ କହିଲେ ସମସ୍ତେ ମିଶିକି ଗୋଟେ ଫଟୋ ଉଠେଇବା । ତା'ପରେ ବନ୍ଧୁ ପଚାରିଲେ ମ୍ୟାଡାମ୍ ଆପଣ କେଉଁଠାରୁ ଆସିଛନ୍ତି ? କ'ଣ କରନ୍ତି ଆପଣ ? ମ୍ୟାଡାମ୍ ଟିକେ ରାଗିଲା ଭଳି କହିଲେ ମୋ ବିଷୟରେ ଜାଣିବାକୁ ଆପଣ କାହିଁକି ଏତେ ବ୍ୟସ୍ତ ? ଖବର କାଗଜ ଓ ଟିଭି ମାଧମରେ ଜାଣିବାକୁ ମିଳୁଛି । ପ୍ରତିଦିନ ଠକ ଓ ଚୋରମାନେ ନୂଆ ନୂଆ ପ୍ରକାରର କୌଶଳ ଅବଲମ୍ବନ କରି ଅନେକ ଝିଅ ଓ ମହିଳା ମାନଙ୍କୁ ଅସୁବିଧାରେ ପକାଉଛନ୍ତି । ତେଣୁ ଅଜଣା ଲୋକଙ୍କ ସହିତ ବେଶି ମିଶିବା, ସେମାନଙ୍କ ସହିତ ଫଟୋ ଉଠେଇବା ଓ ବ୍ୟକ୍ତିଗତ କଥା ସେୟାର କରିବା ଠିକ ନୁହେଁ । ଏପ୍ରକାର କଥା ଶୁଣି ମୁଁ କହିଲି ମ୍ୟାଡାମ୍ ଆପଣଙ୍କୁ ଆମେ ସବୁ ଚୋର ଆଉ ଠକ ଭଳି ଦେଖାଯାଉଛୁ କି ? ମ୍ୟାଡାମ୍ କହିଲେ ଅନେକ ଅଛନ୍ତି ଭଦ୍ରଲୋକ ପରି କଥା କୁହନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କର ପ୍ରକୃତ ରୂପ ଜଣାପଡେ, ସେତେବେଳକୁ ସେମାନଙ୍କ କବଳରୁ ରକ୍ଷା ପାଇବାର ଉପାୟ ନଥାଏ । ଆଜିକାଲି ଦୁନିଆରେ ଏମିତ ସବୁ ଘଟୁଛି ଯେ ଠକମାନେ ବିଭିନ୍ନ ଉପାୟରେ ବିଶ୍ୱାସ ଜିତିବାକୁ ଚେଷ୍ଟା କରିଥାନ୍ତି ତା'ପରେ ବ୍ଲାକମେଲ୍ କରିଥାନ୍ତି । ମନ୍ଦ ଉଦେଶ୍ୟ ରଖିଥିବା ବ୍ୟକ୍ତି ଯଦି କୌଣସି ଫଟୋ ପାଇଗଲେ ତାକୁ କମ୍ପୁଟର ମାଧମରେ ପରିବର୍ତ୍ତନ କରି ଫେକ ଆକାଉ ଖୋଲି ପୋଷ୍ଟିଂ କରିଥାନ୍ତି, ଆଜିକାଲି ଏଗୁଡା ନିତି ଦିନିଆ ହୋଇଗଲାଣି । ଦୟାକରି ମୋ କଥାକୁ ଖରାପ ଭାବନ୍ତୁନି । ଯାହା କହିଲି ଆଜିକାଲିର ପରିସ୍ଥିତିକୁ ଦେଖିକି କହିଛି, କିଛି ମନ୍ଦ ଲୋକଙ୍କ କାର୍ଯ୍ୟ ପାଇଁ ଭଲ ଲୋକମାନଙ୍କୁ ମଧ ବିଶ୍ୱାସ କରି ହଉନି । ଅବିଶ୍ୱାସର ବାତାବରଣ ମଧରେ ସବୁ କିଛି ଚାଲିଛି । ଆମେ ନାରୀମାନେ ଠକ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଅସୁବିଧାରେ ପଡୁଛୁ । ମୁଁ କହିଲି ଆପଣ ଯାହା କହିଲେ ଠିକ୍ କଥା, ଆଜିକାଲିକା ପରିସ୍ଥିତି ବି ସେମିତି ହୋଇଗଲାଣି । ନିଜେ ସଚେତନ ହେଲେ, ଠକ ମାନଙ୍କ କବଳରୁ ବହୁ ପରିମାଣରେ ରକ୍ଷା ପାଇପାରିବା ।

ମ୍ୟାଡାମ୍ କହିଲେ କିଛି ଦିନ ତଳେ ଟିଭିରେ ଦେଖିଥିଲି ଜଣେ ପୁରୁଷ ଏକାଧିକ ଝିଅଙ୍କୁ ଠକି ବାହା ହୋଇଛି । ସେ ଝିଅ ମାନଙ୍କ ଅବସ୍ଥା ଏବେ କ'ଣ ହେବ ? ଏତେ ଖରାପ ଲୋକ ବି ଦୁନିଆରେ ଅଛନ୍ତି ? ଛି ଛି ଏଗୁଡା ଲଜ୍ୟାକର ଘଟଣା । ମୁଁ କହିଲି ଆପଣ ଠିକ୍ କହୁଛନ୍ତି ଯେ ପୁରୁଷଟି ଦୋଷୀ କିନ୍ତୁ ସେ ଝିଅମାନଙ୍କର କ'ଣ କିଛି ଦୋଷ ନାହିଁ କି ? ବାହାଘର ପୂର୍ବରୁ ଝିଅ ଘର ତରଫରୁ କେତେ କ'ଣ ବୁଝନ୍ତି ଓ ଦେଖନ୍ତି । ଯେମିତିକି ପୁଅଟି ଦେଖିବାକୁ କେମିତିକା, ତା'ର ବ୍ୟବହାର, ପୁଅର ଘରେ ସବୁ କିଏ କିଏ ଅଛନ୍ତି, ସେମାନେ କଣ କରୁଛନ୍ତି, ସେମାନଙ୍କ ବ୍ୟବହାର କେମିତିକା, ପୁଅ କେଉଁ ସାଙ୍ଗମାନଙ୍କ ସହିତ ମିଶୁଛି, ନିଶା ଖାଉଛି କି ନାହିଁ, କେଉଁ ଅନୁଷ୍ଠାନରେ ପଢୁଥିଲା, ଚାକିରି କରିଥିବା ଅନୁଷ୍ଠାନରେ ବୁଝନ୍ତି ପୁଅ ଚାକିରି କରିଛି କି ନାହିଁ, ସ୍ଥାୟୀ କି ଅସ୍ଥାୟୀ, କେତେ ଦରମା ପାଉଛି, ଏମିତି କେତେ କ'ଣ । ପୁଅଟି ସତ କହୁଛି କି ମିଛ କହୁଛି ତାହା ଜାଣିବା ପାଇଁ ଅନେକ ପ୍ରକାର ମାଧ୍ୟମ ଅବଲମ୍ବନ କରାଯାଇଥାଏ । ସେ ଝିଅମାନେ ସେ ବାବୁଙ୍କ ବିଷୟରେ ଏମିତି କ'ଣ ସବୁ ବୁଝିଲେ ଯେ ଗୋଟେ ପରେ ଗୋଟେ ବାହା ହୋଇପଡିଲେ ? ସାଧାରଣତଃ ଜଣେ ପରିବା କିଣିଲା ବେଳେ ପରିବାକୁ ହାତରେ ନେଇ ବାରମ୍ବାର ଦେଖିଥାଏ । ତା'ପରେ ମନ ନବୁଝିଲେ ଦୋକାନୀକୁ ପଚାରେ ବାଇଗଣ କେଉଁଠାରୁ ଆଣିଛ, ଶୁଖିଗଲାଣି, ଦେଶୀ ନା ବିଦେଶୀ ଏମିତି କେତେ କ'ଣ । ଯଦି ପରିବା କିଣିବାବେଳେ ଏତେ ସଚେତନ ତେବେ ଜୀବନସାଥୀ ବାଛିଲା ବେଳେ କେତେ ସଚେତନ ହେବା କଥା ? ମ୍ୟାଡାମ୍ କହିଲେ ଆପଣ ଯାହା କହୁଛନ୍ତି ସତ କଥା କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ମହିଳା ଜଣକ ନା ଘରେ ନା ବାହାରେ ନା କର୍ମକ୍ଷେତ୍ରରେ, ସେ କେଉଁଠି ବି ସୁରକ୍ଷିତ ନୁହେଁ । ସମାଜିକ ହିଂସା, ବଳାତ୍କାର, ଦୁଷ୍କର୍ମ, ଯୌତୁକ ହତ୍ୟା ଓ ଘରୋଇ ହିଂସାର ଶିକାର ହେଉଛନ୍ତି । ଆଜିବି ଜଣେ ଝିଅ ଦିନରେ ହେଉ ବା ରାତିରେ ହେଉ ରାସ୍ତାରେ ସୁରକ୍ଷିତ ନୁହେଁ । ମହିଳାଙ୍କ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାରର ଆଇନ ରହିଛି ତା'ପରେ ମଧ ଅନେକ ମହିଳା ବିଭିନ୍ନ ପ୍ରକାରର ଶୋଷଣର ଶିକାର ହେଉଛନ୍ତି । ଏଥିପାଇଁ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଦରକାର ଏବଂ ଦୋଷୀ ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ଯାହା ଫଳରେ ଜଣେ ଖରାପ କାର୍ଯ୍ୟ କରିବା ପୂର୍ବରୁ ବାରମ୍ବାର ଚିନ୍ତା କରିବ । ମୁଁ କହିଲି ପରିସ୍ଥିତି ଏମିତି ହୋଇଗଲାଣି ଯେ ପ୍ରତିଦିନ ନୂଆ ନୂଆ ପ୍ରକାରର ଘଟଣା ଘଟୁଛି । ପ୍ରଥମେ ନିଜେ ସଚେତନ ହେଲେ ଓ ସତର୍କତା ଅବଲମ୍ବନ କଲେ, ଆମେ ନିଜକୁ ସୁରକ୍ଷିତ ରଖିପାରିବା।

ପଟାମୁଣ୍ଡାଇ, କେନ୍ଦ୍ରାପଡା
ମୋ : ୯୯୩୮୦୬୦୮୮୬

# ସ୍ୱାଧୀନତା ସଂଗ୍ରାମରେ ବିପ୍ଲବୀ ଆନନ୍ଦଚନ୍ଦ୍ର

॥ ଡଃ ବାସୁଦେବ ଦାସ ॥

ଊନବିଂଶ ଶତକର ସପ୍ତମ ଦଶକ ବେଳକୁ ନବଜାଗରଣ ଶୁଭଶଙ୍ଖ ନିନାଦିତ ହୁଏ। ଅଭିଜାତ ଶିକ୍ଷିତ ବର୍ଗ ନବ ଚେତନାରେ ମାତୃଭୂମି ଓ ମାତୃଭାଷା ସଂବଳୀ ସ୍ୱର ଉତୋଳନ କରନ୍ତି। ସେହି ସମୟ ଖଣ୍ଡ ମଧ୍ୟରେ ବହୁ ମାତୃ ଭକ୍ତଙ୍କର ଧରାବରଣ ହେବାର ଦେଖାଯାଏ। ଓଡିଶା ଏହି ନବଜାଗରଣକୁ ସ୍ୱାଗତ କରିଛି। ସତ୍ୟବାଦୀ ବକୁଳବନର ସାଧକ ମାନଙ୍କର ଆବିର୍ଭାବ ଓ ସେମାନଙ୍କ କର୍ମ ପରିସର ଏଜାତି ପାଇଁ ଥିଲା ଏକାନ୍ତ ଶୁଭପ୍ରଦ। ସେମାନଙ୍କର ସମସାମୟିକ ଥିଲେ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା। କେନ୍ଦ୍ରାପଡାର କନିକା ଅଂଚଳର ଡାଳିକାଏନ୍ଦା ଏକ ଅଖ୍ୟାତ ପଲ୍ଲୀ। ଏହି ଗ୍ରାମର ଜେନା ସାହିର ସୁଖ୍ୟାତି ଥିଲା। ଖଗେଶ୍ୱର ଜେନା ବଙ୍ଗ- ସରକାରଙ୍କ ଅଧୀନତାରେ ପୋଲିସ ଚାକିରି କରିଥିଲେ। ଖଗେଶ୍ୱର ଥିଲେ ସ୍ୱାଧୀନ ଚେତା। ତତକାଳୀନ କଂଗ୍ରେସ ନେତୃବୃନ୍ଦଙ୍କ ସହିତ ଖଗେଶ୍ୱରଙ୍କ ଘନିଷ୍ଠ ସଂପର୍କ ରହିଥିଲା। ସ୍ୱାଧୀନ ମତବ୍ୟକ୍ତ କରି ଖଗେଶ୍ୱର ଚାକିରିରୁ ବର୍ଖାସ୍ତ ହୋଇ ଜଗଦଳ ପୁରରେ ଏକ ଲୁହା ଲକଡି ଦୋକାନ କରି ଜୀବିକା ନିର୍ବାହ କରୁଥିଲେ। ଖଗେଶ୍ୱର ଓ ପତ୍ନୀ ସୁଷମାଙ୍କ କୁଳରେ ୧୮୮୪ ମସିହା ଜୁଲାଇ ୧୭ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ପୁତ୍ର ସଂତାନ। ତାଙ୍କର ସାତ ଝିଅ ପରେ ପୁତ୍ରଜାତ ହେତୁ ତାଙ୍କୁ "ଆନନ୍ଦ" ନାମ ରଖିଥିଲେ। ପିତା ଘରକୁ ଆସିଲେ ଆନନ୍ଦଙ୍କୁ ଶ୍ରୀ ଅରବିନ୍ଦ ଚିତରଂଜନ ଦାସ, ରାସବିହାରୀ ଘୋଷଙ୍କ ଭଳି ଜାତୀୟ ବୀର ମାନଙ୍କ କଥା କହିବା ସହ ଦେଶ ଜାତିର ଗୌରବ ସଂପର୍କରେ ପୁତ୍ର ଆନନ୍ଦ ଚନ୍ଦ୍ରଙ୍କୁ ଶୁଣାନ୍ତି।

ଡାଳିକାଏନ୍ଦା ଚାଟଶାଳୀର ପ୍ରାଥମିକ ଶିକ୍ଷାଲାଭ ପରେ ଆଳି ମାଇନର ସ୍କୁଲ ଓ ଚାନ୍ଦବାଲି ହାଇସ୍କୁଲରୁ ଏଂଟ୍ରାନ୍ସ ପାସ କରି ବାପାଙ୍କ ପାଖକୁ କଲିକତା ଯାତ୍ରା କରିଥିଲେ। ସେହି ସମୟରେ ୧୯୧୨ ମସିହାରେ ବଙ୍ଗ ଭଙ୍ଗ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ଆନନ୍ଦ ଚନ୍ଦ୍ର ବ୍ରିଟିଶ ସରକାରଙ୍କର ରୋଷର ଶିକାର ହୋଇ ମାତୃଭୂମିକୁ ପ୍ରତ୍ୟାବର୍ତନ କରିଥିଲେ। ୧୯୧୪ ମସିହାରେ ଉକ୍ଳ ସମ୍ମିଳନୀ ଅଧିବେଶନରେ ଯୋଗଦାନ କରି ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଓ ଫକୀର ମୋହନଙ୍କ ସହିତ ପରିଚିତ ହୋଇ ପାରିଥିଲେ। ଏଠାରେ ସ୍ମରଣୀୟଯେ ୧୯୧୪-୧୯୧୮ ପ୍ରଥମ ବିଶ୍ୱଯୁଦ୍ଧରେ ବିଶ୍ୱ ସ୍ତବ୍ଧ କାତର ହୋଇଯାଇଥିଲା।

ଜାତୀୟ ସ୍ତରରେ ଆଉ ଏକ ଚେତନାର ମଳୟ ବହିଲା। ଜାତୀୟ କଂଗ୍ରେସର ପ୍ରଚାର ଓ ପ୍ରସାର ପାଇଁ ଅଂଟା ଭିଡିଲେ ନେତୃବୃନ୍ଦ। ଆନନ୍ଦ ଚନ୍ଦ୍ରଙ୍କୁ ଏହି ଆହ୍ୱାନ ଉଦବୁଦ୍ଧ କରି ସାରିଥିଲା।୧୯୧୭ ମସିହାରେ ମହାତ୍ମାଗାନ୍ଧିଙ୍କୁ ସାକ୍ଷାତ କରିବାକୁ ଯାଇ ସେଠାରେ ଭାରତର ମୁକ୍ତି ଓ ସେବା ସଂପର୍କରେ ତିନିମାସ ଅତିବାହିତ କରି ଫେରିଥିଲେ। ମହାତ୍ମା ଗାନ୍ଧୀଙ୍କ ସାବରମତୀ ଆଶ୍ରମର ଓଡିଶାର ପ୍ରଥମ ଓଡିଆ ଛାତ୍ର ଭାବେ ପରିଗଣିତ ହୋଇଥିଲେ।୧୯୧୯ରେ ପଂଞ୍ଜାବର ଜାଲିଓ୍ୱାନାୱାଲା ବାଗରେ ନୃଶଂସ ଡାୟାରର ଗୁଳିବର୍ଷଣରେ ବହୁ ଲୋକଙ୍କର ପ୍ରାଣହାନି ଭଳି ଲୋମହର୍ଷଣ କାରୀ ଘଟନା ଭାରତବାସୀଙ୍କ ମନରେ ବିଦ୍ରୋହର ବୀଜ ବପନ କରିଥିଲା।

କନିକା ଓଡିଶାର ଏକ ରାଜ ଶାସନ ଅଂଚଳ /ଜମିଦାର। ୧୯୦୪ ମସିହାରେ ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ ପ୍ରଜାପାଉତି ନୀତିର ଉଚ୍ଛେଦ କରିବା ଫଳ ପ୍ରଜାମେଳି ଆରମ୍ଭ ହୋଇଥିଲା, ଯାହାର ନେତୃତ୍ୱ ଗ୍ରହଣ କରିଥିଲେ ବର୍ତନୀର ଦୀନବନ୍ଧୁ ଖଣ୍ଡାୟତ ରାୟ। ତେଣୁ କନିକା ବାସୀଙ୍କ ପ୍ରତି ରାଜାଙ୍କର ଅବିଚାର ଆରମ୍ଭ ହୋଇ ଯାଇଥିଲା। ସେତେବେଳେକୁ ଆନନ୍ଦ ଚନ୍ଦ୍ର ଗଙ୍ଗାଧର ପଣ୍ଡାଙ୍କ ଘରେ ଏକ ସ୍କୁଲ ପ୍ରତିଷ୍ଠା କରି ଆନନ୍ଦ ମାଷ୍ଟ୍ରେ ଭାବେ ପରିଚିତ ହେଲେଣି। ତାଙ୍କୁ କେନ୍ଦ୍ରାପଡା ମ୍ୟୁନିସପାଲିଟି ମାସିକ ଦୁଇ ଟଙ୍କା ଗ୍ରାଂଟ ଦେଉଥିଲେ। ଯେଉଁ ଛାତ୍ର ତାଙ୍କ ପାଖରେ ଶିକ୍ଷା ଗ୍ରହଣ କରୁଥିଲେ, ସେମାନଙ୍କୁ ଇଂରେଜ ସରକାର ବିରୋଧରେ, ଭାରତକୁ ସ୍ୱାଧୀନ କରିବା ବିଷୟରେ ଶିକ୍ଷା ଦିଅନ୍ତି। ସନ୍ଧ୍ୟାରେ ତାଙ୍କ ପାଖରେ ଗାଁ ଲୋକେ ନୂଆ ନୂଆ ଖବର ଓ ଦେଶ ବିଷୟରେ ଜାଣିବାକୁ ଆସନ୍ତି। ୧୯୨୦ ଅଗଷ୍ଟ ୮ ତାରିଖରେ ନିଷ୍ପତି ହେଲା ବ୍ରିଟିଶ ସରକାରଙ୍କୁ କୌଣସି କ୍ଷେତ୍ରରେ ସହଯୋଗ କରାଯିବ ନାହିଁ। ବ୍ରିଟିଶ ଦ୍ରବ୍ୟ ବର୍ଜନର ଆହ୍ୱାନ ଗାନ୍ଧିଜୀ ଦେଇ ସାରିଥିଲେ। ଏହି ସମୟରେ ୧୯୨୨ ମସିହାରେ କନିକା ନରେଶ ୬୪ କର ଧାର୍ଯ୍ୟ କରିବା ଫଳରେ ପ୍ରଜା ଅସନ୍ତୋଷ ତୀବ୍ର ରୂପ ଧାରଣ କଲା। ଆନନ୍ଦ ଚନ୍ଦ୍ର ଜଣେ ସମାଜ ସଚେତନ କବି। ସେ ରାଜାଙ୍କର ୬୪ କର ଓ ଆଦାୟର ଉତପୀଡନକୁ କେନ୍ଦ୍ର କରି ଲେଖିଲେ "ଦୁଃଖିନୀ କନିକା"। ଅସୀ ଠାରୁ ମସୀ ଶକ୍ତିଶାଳୀ। ଏ ବହି ନୁହେଁ ବୋମା। ହାତକୁ ହାତ ଦୁଃଖିନୀ କନିକା ପ୍ରସାରିତ ହେବା ଦ୍ୱାରା ରାଜା ଏ ସଂପର୍କରେ ବ୍ରିଟିଶ ସରକାରଙ୍କ ଦୃଷ୍ଟିଗୋଚର ହେଲା। କବି ରାଧାନାଥ ରାୟଙ୍କ ମହାକାବ୍ୟ "ମହାଯାତ୍ରା" ବ୍ୟାଜ୍ୟାପ୍ତି ହେବା ପରେ "ଦୁଃଖିନୀ କନିକା" ବ୍ୟାନ ହେବାର ଗୋଟାଏ ଦୃଷ୍ଟାନ୍ତ ମହାତ୍ମା ଗାନ୍ଧିଙ୍କ ୟଙ୍ଗ ଇଣ୍ଡିଆ ସାପ୍ତାହିକ ପତ୍ରିକାରେ ପ୍ରକାଶ ପାଇଥିଲା। ଆନନ୍ଦ ଚନ୍ଦ୍ରଙ୍କର ଖ୍ୟାତି ଯେତିକି ବଢିଲା କନିକା ରାଜାଙ୍କର ତତୋଧିକ ଅକ୍ରୋସ ପଡିଲା ରାଜା ଅତ୍ୟାଚାରର ରୂପ "ଦୁଃଖିନୀ କନିକା"ରେ କିପରି ମର୍ମରିତ ତାର କେତୋଟି ପଦରୁ ପାଠକ ଅବବଗତ ହୋଇପାରିବେ।

"ରୌଦ୍ରେ କେ ବସିଲା ଉଠିଲା, ପଥରେ ନାକ କେ ଘଷିଲା।
ବିବିଧ ମାଡ କେ ସହିଲା, କେ ଗଳେ ନାଗରା ବାନ୍ଧିଲା।
କେ କାଦୁଅରେ ପୋତା ଗଲା, କେ ବେତ ପ୍ରହାର ସହିଲା।
ପାଦରେ କେ ଦଳି ହୋଇଲା, କେ ସ୍ଥାନ ଛାଡି ପଳାଇଲା"

ଏହି ଆହ୍ୱାନର ଭୟାବହ ପରିଣିତ ସ୍ୱରୂପ - ପ୍ରଜାମାନେ ବର୍ଦ୍ଧିତ ଖଜଣା ଦେବାକୁ ରାଜି ହେଲେ ନାହିଁ। ରାଜ କର୍ମଚାରୀଙ୍କ ଜିଦ ଯେ ବର୍ଦ୍ଧିତ ହାରରେ ଖଜଣା ନେବେ। କେତେକ ପ୍ରଜା କେନ୍ଦ୍ରାପଡା ଟ୍ରେଜରୀରେ ଖଜଣା ଜମାଦେଲେ। ପ୍ରଜାବୃନ୍ଦଙ୍କର ଦାବିଥିଲା ସରକାରୀ ବନ୍ଦୋବସ୍ତ।

ସେ ସମୟର ବିହାର- ଓଡିଶା ଗଭର୍ଣ୍ଣର ସାର ହେନି ହୁଇଲର ବିଶ୍ୱାସ କଲେ ଯେ କଂଗ୍ରେସ ଆନ୍ଦୋଳନ କନିକାରେ ତୀବ୍ରତର ହେଉଛି।ଆନନ୍ଦ ଜେନାଙ୍କ ୪୨ ଏକର ସମ୍ପତିକୁ ବ୍ରିଟିଶ ସରକାର ବ୍ୟାଜ୍ୟାପ୍ତି କରିଥିଲେ। ତେଣୁ ପ୍ରଜାଆନ୍ଦୋଳନକୁ ଦମନ କରିବା ପାଇଁ କଟକରୁ ସଶସ୍ତ୍ର ପୋଲିସ ଆସି ରାଜକନିକାରେ ଅକଥନୀୟ ଅତ୍ୟାଚାର କଲେ ବୋଲି ବିପ୍ଳବୀ ପ୍ରଫୁଲ୍ଲ ଦାସ କହିଛନ୍ତି। ଶେଷକୁ ଏସ ପି ଶ୍ରୀକୃଷ୍ଣ ମହାପାତ୍ର ଆଦେଶରେ ଗୁଳି ଚଳାଇବା ଫଳରେ ବାସୁ ସେଠୀ ଓ ବିଶୁନି ମଲୁଆଳ ପ୍ରାଣ ହରାଇଥିଲେ। ଉକ୍ଳ ମଣି ଗୋପବନ୍ଧୁ ଦାସଙ୍କ "ବନ୍ଦୀର ଆତ୍ମକଥା"ରେ ଏହି ଚିତ୍ର ପ୍ରତିଫଳିତ ହୋଇଅଛି। ଆନନ୍ଦ ଚନ୍ଦ୍ରଙ୍କୁ ମାରିଦେବାର ଷଡଯନ୍ତ୍ର ହେବାର ଜାଣି ଘୋର ନିଶାର୍ଥରେ ବିପଦ ସଂକୁଳ ଖରସ୍ରୋତା ନଦୀ ପହଁରି ଆଳିରେ ଆଶ୍ରୟ ନେଇଥିଲେ। ସେଠାରୁ ତାଙ୍କୁ କେନ୍ଦ୍ରାପଡା ଆଣି କେନ୍ଦ୍ରାପଡାର କଂଗ୍ରେସ ନେତା ଯଦୁମଣି ମଙ୍ଗରାଜ, ବ୍ରହ୍ମାନନ୍ଦ ରାଉତ ଓ କେନ୍ଦ୍ରାପଡା ହାଇସ୍କୁଲର ଶିକ୍ଷକ ବାଳକୃଷ୍ଣ କର ହଜାରିବଗିଚା ଗ୍ରାମରେ ଥଇଥାନ କରାଇଥିଲେ। ଆନନ୍ଦ ଚନ୍ଦ୍ର ଜଣେ ଖ୍ୟାତ ନାମା କବି ଭାବେ ପରିଚିତ। କନିକା ବନ୍ଧୁ, ମାତୃଦେବୀ, ଭକ୍ତ ପ୍ରହ୍ଲାଦ, ମୂଢ଼ମତି, ବାର କଥା ଓ ଶତାଧିକ ଜାତୀୟ ସଂଗୀତ ରଚନା କରିଛନ୍ତି। ପ୍ରତ୍ୟେକ ରଚନାରେ ବୈପ୍ଲବିକ ଚେତନା ରହିଅଛି।

ଆନନ୍ଦ ଚନ୍ଦ୍ର୧୯୩୦ ମସିହା ଲବଣ ସତ୍ୟାଗ୍ରହ ୧୯୩୪ ଗାନ୍ଧୀଙ୍କ ହରିଜନ ପଦଯାତ୍ରା ଓ ୧୯୪୨ ଭାରତ ଛାଡ ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ। କନିକା ମଣ୍ଡଳରୁ ସେ ୪୦୦୦ କଂଗ୍ରେସ ସଦସ୍ୟ କରି ବେଶ ଚର୍ଚ୍ଚିତ ହୋଇଥିଲେ। ମହାନ ବିପ୍ଳବୀଙ୍କୁ ରାଜ ଚକ୍ରାନ୍ତରେ କେନ୍ଦ୍ରାପଡାର ଏକ ବସାଘରେ ବିଷପାନ କରାଇ ମାରିଦିଆଗଲା ୧୯୪୬ ମସିହା ଜାନୁଆରୀ ୨୭ ତାରିଖରେ। ସୁଖର କଥା- ତାଙ୍କ ସ୍ମୃତିରେ କେନ୍ଦ୍ରାପଡା ହାଇସ୍କୁଲ ଛକରେ ଆନନ୍ଦ ଚନ୍ଦ୍ର ଜେନାଙ୍କର ଏକ ପ୍ରତିମୂର୍ତି ନିର୍ମିତ ହୋଇ ବିପ୍ଳବର ମାର୍ଗ ଦର୍ଶାଉଅଛି। ପ୍ରତିବର୍ଷ ଜୟନ୍ତୀ ଓ ଶ୍ରାଦ୍ଧ ପାଳନ କରାଯାଉଅଛି।

**ବଳଦେବ କଲୋନି, ଜୟୀପୁରା, କେନ୍ଦ୍ରାପଡା**

# ବଢୁଛି ହାଇପୋର୍ଥେମିଆ

॥ ଡାକ୍ତର ବିଷ୍ଣୁପ୍ରସାଦ ମହାପାତ୍ର ॥

ପ୍ରବଳ ଥଣ୍ଡା ଯୋଗୁ ମାନସିକ ଚାପ ସୃଷ୍ଟି ହୋଇପାରେ। ଯାହାକୁ ହାଇପୋର୍ଥେମିଆ ବା ଅଳ୍ପତାପ କୁହନ୍ତି। ଏହାର ଅନ୍ୟନାମ କୋଲ୍ଡ ଟ୍ରେସ ସିଣ୍ଡ୍ରୋମ। ଏଥିରେ ଜଣେ ରୋଗୀଙ୍କର ମାନସିକ ଓ ହୃଦୟ ପ୍ରଭାବିତ ହୋଇଥାଏ। କେତେକ କ୍ଷେତ୍ରରେ ରୋଗୀ କିଛି ଜାଣିପାରେ ନାହିଁ ଓ ପାଗଳ ଭଳି ବ୍ୟବହାର କରେ।

ଏକ ରିପୋର୍ଟ ଅନୁସାରେ ହାଇପୋର୍ଥେମିଆ ଯୋଗୁଁ ଆମେରିକାରେ ପ୍ରତିବର୍ଷ ଅତି କମରେ ୧୫୦୦ ମୃତ୍ୟୁ ହେଉଛି। ବୟସାଧିକ ଲୋକ ଓ ପୁରୁଷଙ୍କୁ ଏହି ରୋଗ ସାଧାରଣତଃ ଅଧିକ ହୁଏ। ସଠିକ ସମୟରେ ହାଇପୋର୍ଥେମିଆକୁ ଜାଣି ତାହାର ଉପଯୁକ୍ତ ଚିକିତ୍ସା କରାନଗଲେ ରୋଗୀର ଜୀବନ ଯିବାର ଆଶଙ୍କା ମଧ ରହିଥାଏ। ହାଇପୋର୍ଥେମିଆ ଶବ୍ଦ ଗ୍ରୀସ ଭାଷାରୁ ଆସିଛି। ଯାହାର ଅର୍ଥ ଶରୀର ଅଭ୍ୟନ୍ତରର ଉତ୍ତାପ ୩୫.୦ ଡିଗ୍ରୀ ସେଲସିୟସରୁ କମ ହେବା। ଏହାର ଲକ୍ଷଣ ତାପମାତ୍ରା ଉପରେ ନିର୍ଭର କରେ। ତିନି ପ୍ରକାରର ହୋଇପୋର୍ଥେମିଆ ରହିଥାଏ। ସାମାନ୍ୟ ହାଇପୋର୍ଥେମିଆ ହୋଇଥିଲେ କମ୍ପନ ଓ ଏନଜାଇଟି ଦେଖାଯାଏ। ମଧ୍ୟମ ହାଇପୋର୍ଥେମିଆ ହେଲେ କମ୍ପ ବନ୍ଦ ହୋଇଯାଏ ଓ ଏନଜାଇଟି ବୃଦ୍ଧି ପାଏ। ସାଙ୍ଘାତିକ ହାଇପୋର୍ଥେମିଆ ହେଲେ ପାରାଡ଼କ୍ସିକାଲ ଅନଡ୍ରେସିଙ୍ଗ ହୁଏ। ଅର୍ଥାତ ଜଣେ ନିଜ ମାନସିକ ସ୍ଥିତି ହରାଇ ବସେ। ଏହିଭଳି ପରିସ୍ଥିତିରେ ରୋଗୀ ନିଜ ଲୁଗା ଫିଙ୍ଗି ଦିଏ ଓ ଅତ୍ୟଧିକ ବ୍ୟଗ୍ର ହେତୁ ହୃଦସ୍ପନ୍ଦନ ଧୀର ହୋଇଯାଏ।

ହାଇପୋର୍ଥେମକିଆ ରୋଗର ଦୁଇଟି ମୁଖ୍ୟ କାରଣ ଥାଏ। ସ୍ୱାଭାବିକ ଭାବରେ ଅତ୍ୟଧିକ ଥଣ୍ଡା ସଂସ୍ପର୍ଶରେ ଆସିଲେ ଏହି ରୋଗ ହୁଏ। କୌଣସି କାରଣ ବଶତଃ ଦେହର ଉତ୍ତାପ ସୃଷ୍ଟି କମିଗଲେ ବା ଉତ୍ତାପ କ୍ଷୟ ହେଲେ ମଧ ଏହା ହୁଏ। ଅନ୍ୟାନ୍ୟ କାରଣ ମଧ୍ୟରେ ସାଧାରଣତଃ ଅତ୍ୟଧିକ ମଦନିଶା, ବୟସାଧିକ୍ୟ, ଅରୁଚି ଓ କମ ରକ୍ତଶର୍କରା ଥିଲେ ମଧ ହାଇପୋର୍ଥେମିଆ ହୋଇଥାଏ। ଦେହ ଉତ୍ତାପ ଥର୍ମୋରେଗୁଲେସନ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ମାନରେ ସ୍ଥିର ରହେ। ଦେହ ଉତ୍ତାପ ବଢ଼ାଇବା ନିମନ୍ତେ କମ୍ପ, ଅଧିକ ସ୍ୱେଚ୍ଛାକୃତ କର୍ମ କରିବା ଓ ଉଷ୍ମ ଲୁଗା ଘୋଡ଼ାଇ ହେବା ଆବଶ୍ୟକତା ହୋଇଥାଏ। ରୋଗୀର ଲକ୍ଷଣ ଓ ଅବସ୍ଥା ଦେଖି ବା ଦେହର ଆଭ୍ୟନ୍ତରୀଣ ଉତ୍ତାପ ମାପି ହାଇପୋର୍ଥେମିଆ ରୋଗ ନିର୍ଣ୍ଣୟ କରାଯାଏ।

ଲକ୍ଷଣ : ମାନସିକ ଚାପ ଓ ଅସ୍ଥିରତା କାରଣରୁ ରୋଗୀ ଅଧିକରୁ ଅଧିକ ସମୟ ଅନ୍ଧକାରରେ କାଟିବାକୁ ପସନ୍ଦ କରେ। ପରିବାର ଓ ସାଙ୍ଗସାଥୀଙ୍କ ସହ କଥାବାର୍ତ୍ତା ବନ୍ଦ କରିଦିଏ। ଏକ ପ୍ରକାରର ଅବସାଦକୁ ରୋଗୀ ଚାଲିଯାଏ। ଯଦି କେହି ରୋଗୀଙ୍କ ସହ କଥା ହେବାକୁ ଚେଷ୍ଟା କରିଥାନ୍ତି, ରୋଗୀ ତାଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତତି। ବେଳେ ଅତ୍ୟଧିକ ରାଗି ରୋଗୀ ଜିନିଷପତ୍ର ଫୋପାଡା ଫିଙ୍ଗା କରିଥାନ୍ତି। ହାଇପୋର୍ଥେମିଆ ହୋଇଥିଲେ ରୋଗୀ ଅଧିକ ଖାଦ୍ୟ ଖାଇଥାନ୍ତି। ଅନ୍ୟପକ୍ଷରେ କେତେକ ରୋଗୀ ଖାଦ୍ୟ ଖାଇବା ଛାଡ଼ି ଦେଇଥାନ୍ତି। ଫଳରେ ସେମାନଙ୍କର ସ୍ୱାସ୍ଥ୍ୟରେ ଅଚାନକ ଅବନତି ଘଟିଥାଏ। କୌଣସି ସ୍ଥାନରେ ବସିବା ସମୟରେ ରୋଗୀ ଆଖି ବନ୍ଦ କରି ବସିବାକୁ ପସନ୍ଦ କରିଥାନ୍ତି। ଏହିପରି ନକରିବାକୁ ବାରଣ କଲେ, ରୋଗୀ ବିରକ୍ତି ପ୍ରକାଶ କରେ। କେତେକ କ୍ଷେତ୍ରରେ ରୋଗୀର ହୃଦସ୍ପନ୍ଦନ ବୃଦ୍ଧି ପାଇଯାଏ ଓ ରକ୍ତଚାପ ଦେଖାଯାଏ।

ଉପଚାର : ଉଷ୍ମ ପାନୀୟ, ଗରମ କପଡ଼ା ଓ ଶାରୀରିକ କାର୍ଯ୍ୟ କରିବା ଏହି ରୋଗର ଉତ୍ତମ ଉପଚାର। ମଧ୍ୟମ ହାଇପୋର୍ଥେମିଆ ଥିଲେ ରୋଗୀକୁ ଉଷ୍ମ କମ୍ବଳ ଘୋଡେଇ ଗରମ ତେଲ ମାଲିସ କରାଯାଏ। ମଧ୍ୟମ ଓ ସାଙ୍ଘାତିକ ହୋଇଥିଲେ ଏକ୍ସଟ୍ରାକର୍ପୋରିଆଲ ମେମ୍ବ୍ରେନ ଅକ୍ସିଜେନେସନ କିମ୍ବା କାର୍ଡ଼ିଓପଲମୋନାରୀ ବାଇପାସ ଚିକିତ୍ସା ଉପକାରୀ ହୁଏ। ରୋଗୀ ହୃଦସ୍ପନ୍ଦନ ଧୀର ହୋଇଗଲେ ଉପରୋକ୍ତ ଉପଚାର ସହିତ କାର୍ଡ଼ିଓପଲମୋନାରୀ ରସସିଟେସନ କରାଯାଏ। ଏହି ବ୍ୟବସ୍ଥାକୁ ୩୨୦ ଡିଗ୍ରୀ ସେଲସିୟସ ଉତ୍ତାପ ବଢ଼ିବା ପର୍ଯ୍ୟନ୍ତ ଚାଲୁରହେ। ଯଦି ଏହି ଉପଚାର ଦ୍ୱାରା କିଛି ଉନ୍ନତି ନ ହୁଏ ବା ରକ୍ତ ପଟାସିଅମ ୧୨ ମି.ମୋଲ/ଲିଟରରୁ ଅଧିକ ରହେ ତେବେ ରିସସିଟେସନ ବନ୍ଦ କରିଦିଆଯାଏ। ଏ କ୍ଷେତ୍ରରେ ଡାକ୍ତରୀ ପରାମର୍ଶରେ ଚିକିତ୍ସା କରିବା ହିଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ।

ସହଯୋଗୀ ପ୍ରଫେସର, ଆନେସ୍ଥେସିଆ ଆଣ୍ଡ କ୍ରିଟିକାଲ କେୟାର, ଏମକେଜି, ବ୍ରହ୍ମପୁର, ଦୂରଭାଷ : ୮୨୮୦୧୨୭୯୧୦

## ରଘୁନାଥ ବିଦ୍ୟାପୀଠ ଓ ମିନି ଷ୍ଟାଡିୟମ୍ ମଝିରାସ୍ତାରେ ମଦୁଆଙ୍କ ଗହଳି : ସ୍ଥାନୀୟ ବାସିନ୍ଦା ଆତଙ୍କିତ

ଓଡଗାଁ, (ମହାଭାରତ): ଓଡଗାଁ ଏନଏସି ସ୍ଥିତ ମିନିଷ୍ଟାଡିଅମ ପାଚେରୀକୁ ଲାଗି ରଘୁନାଥ କଲୋନୀକୁ ଯାଇଥିବା ରାସ୍ତା ଏବେ ମଦୁଆଙ୍କ ଆଡାସ୍ଥଳୀ ପାଲଟି ଯାଇଛି ।ଓଡଗାଁ ଆଦର୍ଶ ଥାନାଠାରୁ ମାତ୍ର ୫୦ମିଟର ଦୂରରେ ଥିବା ଏହି ରାସ୍ତାଦେଇ ସ୍ଥାନୀୟ ମହିଳାମାନେ ସନ୍ଧ୍ୟାହେଲେ ଯାତାୟାତ କରିବାକୁ ଭୟ କଲେଣି ।ସ୍ଥାନୀୟ ରଘୁନାଥ ବିଦ୍ୟାପୀଠ ଓ ମିନିଷ୍ଟାଡିଅମକୁ ଲାଗି ଯାଇଥିବା ଏହି ରାସ୍ତାରେ ଦିନବେଳେ ମଧ



ମଦୁଆ,ଗଞ୍ଜୋଡ଼ିଆଙ୍କ ଗହଳି ଲାଗିରହୁଛି ।ଷ୍ଟାଡିଅମ ପାଚେରୀ ଉପରେ ବସି ମଦପିଇବାର ଦୃଶ୍ୟ ସାଧାରଣ କଥା ହୋଇଗଲାଣି ।କିନ୍ତୁ ଆଶ୍ଚର୍ଯ୍ୟର କଥା ଗୋଟିଏ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଉଚ୍ଚ ବିଦ୍ୟାଳୟ ସଂଲଗ୍ନ ଏହି ରାସ୍ତା ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବାବେଳେ ସ୍ଥାନୀୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ ଓ ଦିନବେଳା ବିଦ୍ୟାଳୟ ପାଖରେ ମଦ, ଗଂଜେଇ ଖାଇବାର ଦୃଶ୍ୟ ଛାତ୍ର ଛାତ୍ରୀଙ୍କ ଉପରେ ନକାରାତ୍ମକ ପ୍ରଭାବ ସୃଷ୍ଟି କରିବାର ଆଶଙ୍କା ଅଭିଭାବକଙ୍କୁ ଚିନ୍ତାରେ ପକେଇଲାଣି ।ପୋଲିସ ପେଟ୍ରୋଲିଙ୍ଗ କଡାକଡି କରିବା ସହ ସାଧା ପୋଷାକରେ ଚଢ଼ାଉ କରି ମଦୁଆଙ୍କୁ ସାବାଡ କରିବାକୁ ସ୍ଥାନୀୟ ବାସିନ୍ଦା ଦାବୀ ଜଣେଇଛନ୍ତି ।ତୁରନ୍ତ ଏ ନେଇ ସ୍ଥାନୀୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନନେଲେ ଜିଲାପାଳ ଓ ଏସପିଙ୍କ ଦ୍ୱାରସ୍ଥ ହେବେବୋଲି ରଘୁନାଥ କଲୋନୀ ବାସିନ୍ଦାଙ୍କ ସହ ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

## ରାଜ୍ୟସ୍ତରୀୟ ଟଙ୍ଗ-ଇଲ୍-ମୁ-ଡୋ ମାର୍ଶଲ ଆର୍ଟ ଚାମ୍ପିୟନସିପ୍‌ରେ ଜଗତସିଂହପୁର ଜିଲ୍ଲା କ୍ରୀଡ଼ାବିତଙ୍କ ସଫଳତା




ପାରାଦୀପ/ଜଗତସିଂହପୁର, (ମହାଭାରତ) : କଟକର ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମଠାରେ ୧୨ ଓ ୧୩ ସେପ୍ଟେମ୍ବର ୨୦୨୬ରେ ତୃତୀୟ ରାଜ୍ୟସ୍ତରୀୟ ଟଙ୍ଗ-ଇଲ୍-ମୁ-ଡୋ ମାର୍ଶଲ ଆର୍ଟ ଚାମ୍ପିୟନସିପ୍ ୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । କଟକ ଟଙ୍ଗ-ଇଲ୍-ମୁ-ଡୋ ଆସୋସିଏସନ ଦ୍ୱାରା ଆୟୋଜିତ ଏହି ଦୁଇ ଦିନିଆ ପ୍ରତିଯୋଗିତାରେ ଓଡ଼ିଶାର ୧୫ଟି ଜିଲ୍ଲାରୁ ୩୫୦ରୁ ଉର୍ଦ୍ଧ ଯୁବ ପ୍ରତିଭା ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲା ଦଳ ଏକ ବଡ଼ ସଫଳତା ହାସଲ କରି ମୋଟ ୧୯ଟି ପଦକ ହାସଲ କରିଛି । ଜାତୀୟ କୋଚ୍ କାହ୍ନୁ ମଲ୍ଲିକଙ୍କ ନେତୃତ୍ୱରେ ଭାଗ ନେଇଥିବା ଏହି ୧୫ ଜଣିଆ ଦଳ ୬ଟି ସ୍ୱର୍ଣ୍ଣ ପଦକ, ୭ଟି ରୌପ୍ୟ, ୬ଟି ବ୍ରୋଞ୍ଜ ପଦକ ହାସଲ କରି ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛନ୍ତି । ଏହି ଚମତ୍କାର ପ୍ରଦର୍ଶନ ଜଗତସିଂହପୁର ଜିଲ୍ଲା ତଥା ସ୍ଥାନୀୟ ପାରାଦ୍ୱୀପ ଅଞ୍ଚଳ ପାଇଁ ଗୌରବର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ବ୍ରହ୍ମପୁର ଲୋକସଭା ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପଦକ ଏବଂ ମାନପତ୍ର ପ୍ରଦାନ କରିଥିଲେ । ଏହି ସଫଳତା ହାସଲ ପରେ ପାରାଦୀପ କରାଟେ ଆସୋସିଏସନର ସଭାପତି ସମୀର କୁମାର ଓଝା ଏବଂ କରାଟେ କୋଚ୍ ମାନସ ରଞ୍ଜନ ଡୋରା ଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି କ୍ରୀଡ଼ାବିତ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଜାତୀୟ ସ୍ତରୀୟ ମ୍ୟାଚ୍ ପାଇଁ ସେମାନଙ୍କ ଉତ୍ସାହ ବଢ଼ାଇଥିଲେ ।

## ସ୍ନେହାଶିଷଙ୍କୁ ସମ୍ମାନଜଣକ ପୁରୁଷୋତ୍ତମ ସମ୍ମାନ

ଧାମନଗର, (ମହାଭାରତ) : ଶ୍ରୀ ଜଗନ୍ନାଥ ସଂସ୍କୃତି ପରିଷଦ, ଓଡିଶା ବାର୍ଷିକ ସାଧାରଣ ସଭା ଓ ବାର୍ଷିକ ଉତ୍ସବ ଗତ ତା ୧୩-୦୯-୨୬ ରିଖ ରବିବାର ଭୁବନେଶ୍ୱର ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି. ପରିଷଦ ର ସଭାପତି ଶ୍ରୀ ରବିନାରାୟଣ ମହାପାତ୍ର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମାନ୍ୟବର ବିଧାୟକ କୋରେଇ ଶ୍ରୀଯୁକ୍ତ ଆକାଶ ଦାସ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥିଭାବେ ପୁରୀ ଶ୍ରୀ ମନ୍ଦିର ଶୁଭଦ୍ରା ଙ୍କ ମୁଖ୍ୟ ବାଡ଼ଗ୍ରାହୀ ଶ୍ରୀଯୁକ୍ତ ରାମଚନ୍ଦ୍ର ଦାସ ମହାପାତ୍ର, ଦଇତାପତି ନିଯୋଗ ସଭାପତି ଶ୍ରୀଯୁକ୍ତ ଗଣେଶ ଦାସ ମହାପାତ୍ର,ଚୂନରା ନିଯୋଗ ସେବକ ଶ୍ରୀଯୁକ୍ତ ଡ଼. ଶରତ ମହାନ୍ତି, ବଡ଼ ସୁଆର ସେବକ ନିଯୋଗ ସଭାପତି ଶ୍ରୀଯୁକ୍ତ ବିଶ୍ୱନାଥ ସାମନ୍ତରାୟ, ପରିଷଦ ର ଉପ ସଭାପତି ସତ୍ୟକାମ ମହାନ୍ତି, ସମ୍ପାଦକ ସନ୍ତୋଷ ଦାସ, ଜୀବନାନନ୍ଦ କର, ରଞ୍ଜନ ନାୟକ, ପ୍ରମୁଖ ଯୋଗଦେଇ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ସମ୍ପର୍କିତ ବିଭିନ୍ନ ତତ୍ୱ ଓ ସଂଗଠନ ବିଷୟରେ ଆଲୋଚନା କରିଥିଲେ. ଏହି ଅବସରରେ ଓଡିଶା ର ବିଭିନ୍ନ ଜ?ିଲ୍ଲା ରୁ ସଭାପତି, ସମ୍ପାଦକ, ତଥା ଜଗନ୍ନାଥ ସଂସ୍କୃତି ପ୍ରେମୀ ମାନେ ଯୋଗଦାନ କରିଥିଲେ. ପ୍ରାରମ୍ଭରେ ମହାପ୍ରଭୁ ଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ ସହ ପ୍ରସିଦ୍ଧ ଗାୟକ ରବୀନ୍ଦ୍ର ମହାପାତ୍ର ଙ୍କ ଦ୍ୱାରା ଭଜନ ଜଣାଣ ସଂଗୀତ ପରିବେଷଣ କରାଯାଇଥିଲା. ପରେ ପରେ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା. ଏହି ଉତ୍ସବ ରେ ଭଦ୍ରକ ଜ?ିଲ୍ଲା'ର ଜଗନ୍ନାଥ ସଂସ୍କୃତି ର ଜ?ିଲ୍ଲା ସଭାପତି ତଥା ଶ୍ରୀ ଶ୍ରୀ ରାଧାକାନ୍ତ ଜୀଉ, ଶ୍ରୀ ଶ୍ରୀ ଦଧିବାମନ ଜୀଉ ଙ୍କ ସେବକ ଓ ଆଇନୀଜୀବି ସ୍ନେହାଶିଷ ପଣ୍ଡା ଙ୍କୁ ପରିଷଦ ତରଫରୁ ଜଗନ୍ନାଥ ଓ ରାଧାକୃଷ୍ଣ ଙ୍କ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରୁଷୋତ୍ତମ ସମ୍ମାନ ରେ ସମ୍ମାନିତ କରାଯାଇଛି. ଉପସ୍ଥିତ ଅତିଥିମାନେ ଶ୍ରୀ ପଣ୍ଡା ଙ୍କୁ ଉତ୍ତରୀୟ, ତୁଳସୀ ବୃକ୍ଷ, ମହାପ୍ରଭୁ ଜଗନ୍ନାଥ ଙ୍କ ପ୍ରତିମୂର୍ତ୍ତି, ଓ ଫଳକ ଶୁଭେଚ୍ଛା ପତ୍ର ସହ ସମ୍ମାନିତ କରିବାସହ ମା ସୁଭଦ୍ରା ଙ୍କ ବାଡ଼ଗ୍ରାହୀ ଶ୍ରୀଯୁକ୍ତ ରାମଚନ୍ଦ୍ର ଦାସ ମହାପାତ୍ର ମହାପ୍ରଭୁ ଙ୍କ ଛଡା ତୁଳସୀ ଅର୍ପଣ ପୂର୍ବକ ଆଶୀର୍ବାଦ ପ୍ରଦାନ କରିଥିଲେ.ଏହି ଅବସରରେ ଚିତ୍ରଶିଳ୍ପୀ କ୍ରିତିକ୍ରିଷ୍ଣା ପଣ୍ଡା ଙ୍କ ଦ୍ୱାରା ଅଙ୍କିତ ପୂର୍ବତନ ବିଧାୟିକା କୋରେଇ ତଥା ସଂସଦ ର ପୂର୍ବତନ ସଭାପତି ସଞ୍ଚିତା ମହାନ୍ତି ଙ୍କ ଫଟୋ ଚିତ୍ରକୁ ସଂସଦ ର ସଭାପତି ଙ୍କୁ ପ୍ରଦାନ କରିଥିଲେ.ଶ୍ରୀ ସ୍ନେହାଶିଷ ପଣ୍ଡା ଉକ୍ତ ସର୍ବପୁରାତନ ପରିଷଦ ର ଆଜୀବନ ସଦସ୍ୟ ତଥା ଅଧୁନା ଭଦ୍ରକ ଜ?ିଲ୍ଲା ସଭାପତି ଅଛନ୍ତି. ତାଙ୍କୁ ସମ୍ମାନଜନକ ମହାପ୍ରଭୁ ଙ୍କ ପୁରୁଷୋତ୍ତମ ସମ୍ମାନ ପାଇଁ ଅନେକ ବିଶିଷ୍ଟ ବେକ୍ତି ବିଶେଷ ଯଥା ଲୁଣିଆ ମେଲଣ କମିଟି ର ସମ୍ପାଦକ ପ୍ରତାପ ମହାନ୍ତି, ସଭାପତି ଶ୍ରୀଧର ପାଢ଼ୀ, କୋଷାଧକ୍ଷ ଗଙ୍ଗାଧର ମହାନ୍ତି, ଜଗନ୍ନାଥ କର,ପ୍ରଶାସନିକ ଅଧିକାରୀ, ବରିଷ୍ଠ ଅଇନିଯିବି ବନ୍ଧୁ ଦେବାଶିଷ ସାମଲ, ଧାମନଗର ଓକିଲ ସଂଘର ଓକିଲ ବନ୍ଧୁ,ସାମ୍ବାଦିକ ବନ୍ଧୁ, କଳାକାର, ଆତ୍ମୀୟ ବନ୍ଧୁ,ସ୍ୱେଚ୍ଛାସେବୀ ସଂଗଠନ, ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ,ସର୍ବୋପରି ଶ୍ରୀ ଜଗନ୍ନାଥ ଚେତନା ସଂଘ କଟସାହି, ବଉଳନାଳି ଶାସନ, ସହିଦନଗର ର କର୍ମକର୍ତ୍ତା ବୃନ୍ଦ ଶୁଭେଚ୍ଛା ଜଣାଇଅଛନ୍ତି । ।

## ଇଫକୋ ପାରାଦୀପ ୟୁନିଟ କୁ ସମ୍ମାନଜନକ ଗ୍ରୀନଟେକ୍ ଏନଭାଇରନମେଣ୍ଟ ଆୱାର୍ଡ

ପାରାଦୀପ, (ମହାଭାରତ) : ପରିବେଶ ସୁରକ୍ଷାରେ ଉଲ୍ଲେଖନୀୟ ସଫଳତା ପାଇଁ ଇଫକୋ ପାରାଦୀପ ୟୁନିଟ୍ କୁ ସମ୍ମାନଜନକ ଗ୍ରୀନଟେକ୍ ଏନଭାଇରନମେଣ୍ଟ ଆୱାର୍ଡ ୨୦୨୬ ପ୍ରଦାନ କରାଯାଇଛି । ଗତ ସେପ୍ଟେମ୍ବର ୧୦ ତାରିଖରେ ରାଜସ୍ଥାନର ଯୋଧପୁରରେ ୨୫ତମ ଗ୍ରୀନଟେକ୍ ପରିବେଶ ଏବଂ ସ୍ଥାୟୀତ୍ୱ ସମ୍ମିଳନୀ ୨୦୨୬ ଅବସରରେ ଇଫକୋ, ପାରାଦୀପକୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଇଫକୋ, ପାରାଦୀପ ୟୁନିଟ୍ ମୁଖ୍ୟ ଏଭି ସିଂହଙ୍କ ପକ୍ଷରୁ ଡି.ମହାନ୍ତି, ମ୍ୟାନେଜର (ଇପିସି) ଓଏନଜିସି ଲିମିଟେଡର ପୂର୍ବତନ ନିର୍ଦ୍ଦେଶକ ବେଦ ପ୍ରକାଶ ମହାୱାରଙ୍କ ଠାରୁ



ଏହି ପୁରସ୍କାର ଗ୍ରହଣ କରିଥିଲେ । ୟୁନିଟ ମୁଖ୍ୟ ଅନିରୁଦ୍ଧ ବିକ୍ରମ ସିଂହ ଏବଂ ଇଫକୋ ର ବରିଷ୍ଠ ମହାପ୍ରବନ୍ଧକ (ଉତ୍ପାଦନ) କେଆରଏନ ମୂର୍ତ୍ତି ଅନେକ ଆହ୍ୱାନକୁ ସଫଳତାର ସହିତ ମୁକାବିଲା କରି ଜାତୀୟ ଖାଦ୍ୟ ସୁରକ୍ଷାର ଏକ ବୃହତ କାରଣ ପାଇଁ ସର୍ବଦା କୃଷକମାନଙ୍କ ପ୍ରତି ପ୍ରତିବଦ୍ଧ ରହିଛନ୍ତି । ଏହିପରି ପୁରସ୍କାର ସମଗ୍ର ପାରାଦୀପ ଇଫକୋ ପରିବାର ଏବଂ ଏହାର ଅଂଶୀଦାରମାନଙ୍କ ପାଇଁ ଏକ ନୈତିକ ପ୍ରୋତ୍ସାହନ ସ୍ୱରୂପ କାର୍ଯ୍ୟ କରେ । ପରିଚାଳନା ନିର୍ଦ୍ଦେଶକ କେ.ଜେ. ପଟେଲଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ସହିତ, ଗତ ଛଅ ଦଶନ୍ଧି ଧରି ଇଫକୋ ଦେଶ ସେବା କରିଆସୁଛି ଏବଂ ବିଶ୍ୱର ସର୍ବବୃହତ ସମବାୟ ସମାଜରେ ପରିଣତ ହୋଇଛି ।

## ଉଦଳାର ନାଁ ରଖିଲେ ସୁନାଝିଅ ରୋଜାଲିନ

ଉଦଳା, (ମହାଭାରତ) : ମନରେ ଦୃଢ଼ ଇଚ୍ଛାଶକ୍ତି, ନିୟମିତ ଅଭ୍ୟାସ ଓ କଠିନ ପରିଶ୍ରମ ଥିଲେ ସଫଳତା ନିଶ୍ଚିତ । ଏହାକୁ ପ୍ରମାଣ କରି ଉଦଳା ମାଟିର ନାଁ ରାଜ୍ୟସ୍ତରରେ ଉଜ୍ଜ୍ୱଳ କରିଛନ୍ତି ସୁନାଝିଅ ରୋଜାଲିନ ବୀର । ଉଦଳାର ଝିଅ ଓ ବାଲେଶ୍ୱରର ବୋହୂ ରୋଜାଲିନ ପାୱାରଲିଫ୍ଟିଂରେ ଦମ୍ଦାର ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ଆୟୋଜିତ ପାୱାରଲିଫ୍ଟିଂ ପ୍ରତିଯୋଗିତାରେ ଓଡ଼ିଶାର ସମସ୍ତ ଜିଲ୍ଲାରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମହାକାଳ ଫିଟନେସ୍ ଏକାଡେମୀ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ରୋଜାଲିନ । ନିଜର ଅସାଧାରଣ ଶକ୍ତି ଓ ଅଭ୍ୟାସର ପରାକାଷ୍ଠା ଦେଖାଇ ମୋଟ ୨୬୨.୫ କିଲୋଗ୍ରାମ ଭାର ଉତ୍ତୋଳନ କରି ସେ ପ୍ରଥମ ସ୍ଥାନ ହାସଲ କରିଛନ୍ତି । ହାତରେ ସ୍ୱର୍ଣ୍ଣ ପଦକ ଓ ପ୍ରମାଣପତ୍ର ଧରି ପୋଡିୟମ୍?ର ଶୀର୍ଷରେ ଠିଆ ହୋଇଥିବା ରୋଜାଲିନଙ୍କ ଏହି ସଫଳତା ଉଦଳା ପାଇଁ ଗର୍ବର ବିଷୟ ପାଲଟିଛି । ବିଶେଷ କଥା ହେଉଛି, ଉଦଳା ଅଞ୍ଚଳରୁ ମହିଳା



ଭାବେ ପାୱାରଲିଫ୍ଟିଂରେ ପ୍ରଥମଥର ପାଇଁ ଜଣେ ପ୍ରତିଯୋଗୀ ଭାଗ ନେଇ ଏଭଳି ବଡ଼ ସଫଳତା ହାସଲ କରିଥିବା ଜଣାପଡ଼ିଛି । ରୋଜାଲିନଙ୍କ ଏହି ବିଜୟ ଉଦଳାର ଯୁବପିଢ଼ି, ବିଶେଷକରି ମହିଳାମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ନୂଆ ଉତ୍ସାହ ଦେଇଛି । ଉଦଳାର ମାଟିରୁ ଉଠି ରାଜ୍ୟସ୍ତରୀୟ ମଞ୍ଚରେ ୨୬୨.୫ କିଲୋ ଭାର ଉଠାଇ ସ୍ୱର୍ଣ୍ଣ ଜିତିବା ରୋଜାଲିନଙ୍କ ଏହି ସଫଳତା ନିଶ୍ଚିତ ଭାବେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ । ତାଙ୍କ ଏହି ସଫଳତା ପାଇଁ ପରିବାର, ମହାକାଳ,ରାଠେଡ୍ ଫିଟନେସ୍ ଏକାଡେମୀ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ଜାମଦରାରେ ସୁନା ପରିବାର ପକ୍ଷରୁ ନୂଆଁଖାଇ ପର୍ବ ପାଳିତ

ରାଇଘର:(ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଜାମଦରା ଗ୍ରାମରେ ସୁନା ପରିବାର ତରଫରୁ ଧୁମ୍‌ଧାମରେ ପାଳନ କରାଯାଇଛି ।ନୂଆଁଖାଇ କେବଳ ଏକ ପର୍ବ ନୁହେଁ,ଏହା ଓଡ଼ିଆ ଜନଜୀବନର ଏକ ପାରମ୍ପରିକ ଓ ଭାଇଚାରାର ପର୍ବ । ନୂଆ ଧାନରେ ପ୍ରସ୍ତୁତ ନୂଆ ଖାଦ୍ୟକୁ ପ୍ରଥମେ ଇଷ୍ଟଦେବୀ ଓ ଦେବଦେବୀଙ୍କୁ ଅର୍ପଣ କରିବା ପରେ ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ନୂଆଁ ଖାଇବାର ପରମ୍ପରା ରହିଛି ।ଏହି ଅବସରରେ ସୁନା ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ପାରମ୍ପରିକ ରୀତିନୀତି ଅନୁଯାୟୀ ନୂଆଁଖାଇ ପାଳନ କରିଥିଲେ । ପରିବାରର ବୟୋଜ୍ୟେଷ୍ଠମାନଙ୍କୁ ଜୁହାର କରି ଆଶୀର୍ବାଦ ନେବା ସହ ଛୋଟମାନଙ୍କୁ ମଧ୍ୟ ସ୍ନେହ ଓ ଆଶୀର୍ବାଦ ଦିଆଯାଇଥିଲା ।ନୂଆଁଖାଇ ଅବସରରେ ଘରେ ବିଭିନ୍ନ ପ୍ରକାରର ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ ହୋଇଥିଲା । ପରିବାରର ସମସ୍ତେ ଏକାଠି ବସି ନୂଆଁ ଖାଇବା ସହ ପରସ୍ପରକୁ ନୂଆଁଖାଇର ଶୁଭେଚ୍ଛା ଓ ଜୁହାର ଜଣାଇଥିଲେ ।ଏହି ପର୍ବ ପରିବାରରେ ଏକତା, ସ୍ନେହ, ଭାଇଚାରା ଓ ପାରମ୍ପରିକ ସଂସ୍କୃତିକୁ ଆହୁରି ମଜବୁତ କରିଥାଏ । ଆଧୁନିକତାର ଛାପ ମଧ୍ୟରେ ନିଜ ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇ ରଖିବାର ଏହି ପ୍ରୟାସ ନିଶ୍ଚିତ ଭାବେ ଏକ ସୁନ୍ଦର ଉଦାହରଣ । ସୁନା ପାରିବାର ତରଫରୁ ଗଣ୍ଡା ସମାଜ ଉପ ସଭାପତି ନାରାୟଣ ସୁନା ନୂଆଁଖାଇର ଶୁଭେଚ୍ଛା ଜଣାଇଥିଲେ ରାଇଘର ସମସ୍ତଙ୍କୁ ନୂଆଁଖାଇ ଜୁହାର ।

## ପାରାଦୀପ ବନ୍ଦର ଅଧକ୍ଷ ସୁଶାନ୍ତ ପୁରୋହିତଙ୍କୁ କାର୍ଯ୍ୟରତ ସାମ୍ବାଦିକଙ୍କ ସୌଜନ୍ୟମୂଳକ ସାକ୍ଷାତ



ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣର ନୂତନ ଭାରପ୍ରାପ୍ତ ଅଧକ୍ଷ ଭାବେ ଦାୟିତ୍ୱ କରିଥିବା ଶ୍ରୀ ସୁଶାନ୍ତ କୁମାର ପୁରୋହିତଙ୍କୁ ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ମାନେ ମଙ୍ଗଳବାର ଦିନ ଏକ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହି ଅବସରରେ ଅବସରରେ ସାମ୍ବାଦିକ ଶଶାଙ୍କ ଆଚାର୍ଯ୍ୟ, ନାରାୟଣ ବେହେରା, ପ୍ରଭାକର ସାହୁ, ସୁଧାଂଶୁ ନାୟକ,ପ୍ରଶାନ୍ତ ସ୍ୱାଇଁ,ଆଲୋକ ମହାପାତ୍ର,ସଂଗ୍ରାମ ରାଉତ ପ୍ରମୁଖ ଙ୍କ ସମେତ ପାରାଦୀପ ବନ୍ଦର ଲୋକସମ୍ପର୍କ ଅଧିକାରୀ ରତିକାନ୍ତ ନାୟକ ଉପସ୍ଥିତ ଥିଲେ । ଏହି ସାକ୍ଷାତ୍‌କାର ସମୟରେ ଅଧକ୍ଷ ଶ୍ରୀ ପୁରୋହିତ ପାରାଦୀପ ବନ୍ଦରର ପ୍ରଚାର ପ୍ରସାର କ୍ଷେତ୍ରରେ ଗଣମାଧ୍ୟମ ର ଭୂମିକା କୁ ଉଚ୍ଚ ପ୍ରଶଂସା କରିଥିଲେ । ସେହିପରି ଉପସ୍ଥିତ କାର୍ଯ୍ୟରତ ସାମ୍ବାଦିକ ମାନେ ଶ୍ରୀ ପୁରୋହିତ ଙ୍କ ନେତୃତ୍ୱରେ ପାରାଦୀପ ବନ୍ଦରର ସର୍ବାଙ୍ଗୀନ ଉନ୍ନତି କାମନା କରିଥିଲେ ।

## ମାର୍ଶାଲ ଆର୍ଟରେ ରେଙ୍ଗାଳି ପ୍ରକଳ୍ପର ୫ ପ୍ରତିଯୋଗୀଙ୍କ ସ୍ୱର୍ଣ୍ଣ ପଦକ ହାସଲ ସହ ଜାତୀୟସ୍ତରକୁ ଉନ୍ନୀତ

କଣିହାଁ, (ମହାଭାରତ) : ରାଜ୍ୟସ୍ତରୀୟ ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲା ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳର ୫ ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଜାତୀୟସ୍ତରକୁ ଉନ୍ନୀତ ହୋଇଥିବାରୁ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି । କଟକ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍ ଠାରେ ଗତ ୧୨ ଓ ୧୩ ସେପ୍ଟେମ୍ବର ୨୦୨୬ ଦୁଇଦିନ ଧରି ଅନୁଷ୍ଠିତ ତୃତୀୟ ରାଜ୍ୟସ୍ତରୀୟ ଟଙ୍ଗ-ଇଲ-ମୁ-ଡୋ ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲା ରେଙ୍ଗାଳି ଡ୍ୟାମ ସାଇଟ୍? ର ପାଞ୍ଚ ଜଣିଆ ପ୍ରତିଯୋଗୀ ଦଳ ପ୍ରଶିକ୍ଷକ ସେନ୍‌ସେଇ ଇଂ. ଘନଶ୍ୟାମ ହାଁସଦାଙ୍କ ନେତୃତ୍ୱରେ ୫ ଜଣ ପ୍ରତିଯୋଗୀ ଭାଗ ନେଇ ଉଲ୍ଲେଖନୀୟ ସଫଳତା ହାସଲ କରି ଅନୁଗୋଳ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ।




ପ୍ରତିଯୋଗିତାରେ ଫ୍ରି ଷ୍ଟାଇଲ୍ କାଟା, ଅଫିସିଆଲ୍ କାଟା ଓ ଫାଇଟ୍ ଏହି ତିନୋଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା । ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳର ପରିଣିତା ଗିରି ତିନୋଟି ବିଭାଗରେ ଅଂଶଗ୍ରହଣ କରି ୧ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ ଓ ୧ଟି କାଂସ୍ୟ ପଦକ ହାସଲ କରିଥିଲେ ।ହଂସରାଜ ଘଡ଼େଇ ତିନୋଟି ବିଭାଗରେ ଅଂଶଗ୍ରହଣ କରି ୧ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ ଓ ୧ଟି କାଂସ୍ୟ ପଦକ ପାଇଥିଲେ । ନିର୍ମଳ ହାଁସଦା ତିନୋଟି ବିଭାଗରେ ଅଂଶଗ୍ରହଣ କରିଥିବା ବେଳେ ଦୁଇଟି ବିଭାଗରେ ୧ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ ପଦକ ହାସଲ କରିଛନ୍ତି । ଦିବ୍ୟଙ୍କା ସାହୁ ଦୁଇଟି ବିଭାଗରେ ଅଂଶଗ୍ରହଣ କରି ୧ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ ପଦକ ପାଇଛନ୍ତି । ଶ୍ରୀହାନ ପାଣିଗ୍ରାହୀ ଦୁଇଟି ବିଭାଗରେ ଅଂଶଗ୍ରହଣ କରି ୧ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ ପଦକ ହାସଲ କରିଛନ୍ତି ।ଦଳ ସହିତ ଟିମ୍ ମ୍ୟାନେଜର ଭାବେ ଓଏଚପିସି ର ଡେପୁଟି ମ୍ୟାନେଜର ସାକିଲା ହାଁସଦା ଏବଂ ଅଫିସିଆଲ୍ ଭାବେ ଅଲିଭା ଭୋଇ ଯୋଗଦେଇଥିଲେ ।ଏହି ପ୍ରତିଯୋଗିତାରେ ଅଫିସିଆଲ୍ କାଟା ଓ ଫାଇଟ୍ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରତିଯୋଗୀମାନେ ଆଗାମୀ ଡିସେମ୍ବର ମାସରେ କୁରୁକ୍ଷେତ୍ର ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଟଙ୍ଗ-ଇଲ-ମୁ-ଡୋ ମାର୍ଶାଲ ଆର୍ଟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି ବୋଲି ପ୍ରଶିକ୍ଷକ ଇଂ ଘନଶ୍ୟାମ ହାଁସଦା ପ୍ରକାଶ କରିଛନ୍ତି । ରେଙ୍ଗାଳି ଡ୍ୟାମ ସାଇଟ୍‌ର ପ୍ରଶିକ୍ଷକ ଇଂ. ଘନଶ୍ୟାମ ଏହି ସଫଳତା ପାଇଁ ସମସ୍ତ ପ୍ରତିଯୋଗୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଆଗାମୀ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ମଧ ସେମାନେ ଉତ୍କୃଷ୍ଟ ପ୍ରଦର୍ଶନ କରି ସଫଳତା ଅର୍ଜନ କରନ୍ତୁ ବୋଲି ଶୁଭକାମନା ଜଣାଇଛନ୍ତି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ପ୍ରସ୍ତାବିତ ନେରେଡ଼ି ବ୍ୟାରେଜ ନିର୍ମାଣ ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ



ପାରଳାଖେମୁଣ୍ଡି(ମହାଭାରତ): ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ନେରେଡି ବ୍ୟାରେଜ ନିର୍ମାଣକୁ ବିରୋଧ କରି ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ 'ବଂଶଧାରା ବଞ୍ଚାଅ, ଓଡ଼ିଶା ବଞ୍ଚାଅ' ଆହ୍ୱାନ ଦେଇ ଏକ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚର ସଭାପତି ଶ୍ରୀ ଗୌରଚନ୍ଦ୍ର ତ୍ରିପାଠୀ, ନବରଙ୍ଗପୁରର ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଡ଼ଃ ପ୍ରଦୀପ କୁମାର ସାହୁ ଓ ଆଇନଜୀବୀ ଶ୍ରୀ ମନୋଜ କୁମାର ପାତ୍ରଙ୍କ ଆହ୍ୱାନ କ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା।ପାରଳାଖେମୁଣ୍ଡି ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସଭାପତି ଶ୍ରୀ ଭାରତ ଭୂଷଣ ମହାନ୍ତି, ସମ୍ପାଦକ ଶ୍ରୀ ବିନୋଦ ଚନ୍ଦ୍ର ଜେନା, ସଦସ୍ୟ ଶ୍ରୀ ଜଗଦୀଶ ମହାପାତ୍ର, ଶ୍ରୀ ମନୋଜ କୁମାର ପଣ୍ଡା, ଶ୍ରୀ ରାଜେନ୍ଦ୍ର ପଢିଆରୀ, ଶ୍ରୀ ପ୍ରମୋଦ ଚନ୍ଦ୍ର ପାଢ଼ୀ, ଶ୍ରୀ ରାଜେନ୍ଦ୍ର କୁମାର ରଥଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ।ଏହି ସତ୍ୟାଗ୍ରହରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ଗାବରା ତିରୁପତି ରାଓ, ଜିଲ୍ଲା ବିଜେଡି ସଭାପତି ଶ୍ରୀ ପ୍ରଦୀପ ନାୟକ ଓ ପାରଳା ପୌରାଧ୍ୟକ୍ଷା ଶ୍ରୀମତୀ ନିର୍ମଳା ସେଠୀ ପ୍ରମୁଖ ଯୋଗଦେଇ ନେରେଡି ପ୍ରକଳ୍ପକୁ ବିରୋଧ କରିଥିଲେ। ନେରେଡି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏହାର ଲାଭ ଆନ୍ଧ୍ରପ୍ରଦେଶର ଜନସାଧାରଣ ପାଇବେ ବୋଲି ସେମାନେ ଅଭିଯୋଗ କରିଥିଲେ।ନେରେଡି ବ୍ୟାରେଜ ନିର୍ମାଣ ହେଲେ ହଜାର ହଜାର ଏକର ଚାଷଜମି ଜଳମଗ୍ନ ହେବା ସହ କୃଷକମାନଙ୍କ ଜୀବନ ଓ ଜୀବିକା ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ତେଣୁ ଅଞ୍ଚଳବାସୀଙ୍କ ଜୀବନ, ଜୀବିକା ଓ କୃଷିଭିତ୍ତିକ ଅର୍ଥନୀତିର ସୁରକ୍ଷା ପାଇଁ ସରକାର ଦୃଢ଼ ପଦକ୍ଷେପ ନେବାକୁ ସେମାନେ ଦାବି ଜଣାଇଥିଲେ।ବଂଶଧାରା ବଞ୍ଚାଅ ଆନ୍ଦୋଳନର ଆବାହକ ଶ୍ରୀ ବ୍ରଜମୋହନ ନାୟକ ଓ ଖାଣ୍ଡବା ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଶ୍ରୀ ଜଗନ୍ନାଥ ଦୋରାଙ୍କ ନେତୃତ୍ୱରେ ସାରା,ବାଡିଗାଁ ଓ ଅନ୍ୟାନ୍ୟ ଗ୍ରାମର ଗ୍ରାମବାସୀ ସତ୍ୟାଗ୍ରହରେ ସାମିଲ ହୋଇଥିଲେ। ଶେଷରେ ଉପସ୍ଥିତ ସମସ୍ତ ଅତିଥି ଓ ଆନ୍ଦୋଳନକାରୀ ନେରେଡି ପ୍ରକଳ୍ପ ନିର୍ମାଣ ବନ୍ଦ କରିବା ପାଇଁ ଦୃଢ଼ ଆହ୍ୱାନ ଦେଇଥିଲେ।

# ଚୁଆ ପାଣି ଭରସାରେ ୬ ପରିବାର

**ଲାଞ୍ଜିଗଡ଼,(ମହାଭାରତ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କାନକୁଟ୍ରୁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଟକା ଗ୍ରାମର କୁମ୍ ପଡ଼ାରେ ଦୀର୍ଘ ୬ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ଅଚଳ ହୋଇ ପଡ଼ିଛି ଏକମାତ୍ର ନଳକୂପ। ଫଳରେ ପଡ଼ାର ପ୍ରାୟ ୬ଟି ପରିବାରର ୧୫ରୁ ଉର୍ଦ୍ଧ୍ୱ ଲୋକ ପାନୀୟ ଜଳ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି।ନଳକୂପଟି ଅଚଳ ହେବା ପରେ ପାନୀୟ ଜଳ ପାଇଁ ପଡ଼ାବାସୀ ଜମି ହୁଡ଼ା ତଳେ ବୋହି ଆସୁଥିବା ପାଣିକୁ ସଂଗ୍ରହ କରି ବ୍ୟବହାର କରୁଥିବା ଜଣାପଡ଼ିଛି।ଏହାଛଡ଼ା କେତେବେଳେ ପ୍ରାୟ ଏକ କିଲୋମିଟର ଦୂରରେ ଥିବା ଧରାଭଟା ଗାଁକୁ ଯାଇ ପିଇବା ପାଣି ଆଣିବାକୁ ପଡୁଛି ବୋଲି ଗଣମାଧ୍ୟମ ସମ୍ମୁଖରେ ମତପ୍ରକାଶ କରିଛନ୍ତି। ନଳକୂପ ମରାମତି ପାଇଁ ପଡ଼ାବାସୀ ସରପଞ୍ଚଙ୍କ ନିକଟକୁ ଯାଇ ଅଭିଯୋଗ କରିଥିଲେ। ପଡ଼ାବାସୀଙ୍କ ଅଭିଯୋଗ ଅନୁସାରେ




ସରପଞ୍ଚ ଗାଁକୁ ଆସି ନଳକୂପର ସ୍ଥିତି ଦେଖିବା ସହ ଫଟୋ ଉଠାଇ ନେଇଥିଲେ ହେଲେ ଏଯାଏଁ ନଳକୂପ ମରାମତି ହୋଇପାରିନାହିଁ।ଏନେଇ ପଡ଼ାବାସୀ ପାନୀୟଜଳ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଯନ୍ତ୍ରୀ ଗାଁକୁ ଆସି ସ୍ଥିତି ପରଖିବା ସହ ନୂତନ ନଳକୂପ ଖନନ ପାଇଁ ସ୍ଥାନ ଚିହ୍ନଟ କରିଥିବା ପଡ଼ାବାସୀ କହିଛନ୍ତି। ତେବେ ଏତେ ସବୁ ପ୍ରକ୍ରିୟା ପରେ ମଧ୍ୟ ଅଚଳ ନଳକୂପ ମରାମତି ହୋଇପାରି ନାହିଁ କି ନୂତନ ନଳକୂପ ମଧ୍ୟ ଖନନ ହୋଇନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଲୋକେ। ଅନ୍ୟପକ୍ଷରେ ସରପଞ୍ଚଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ପଡ଼ାବାସୀ ଚେଷ୍ଟା କରିଥିଲେ ମଧ୍ୟ ଫୋନ୍ ଗ୍ରହଣ କରୁନଥିବା ସେମାନେ ଅଭିଯୋଗ କରିଛନ୍ତି।ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ଦୀର୍ଘଦିନ ଧରି ବଞ୍ଚିତ ହୋଇ ଚାଷ ଜମିରେ ବୋହି ଯାଉଥିବା ପାଣି ଉପରେ ନିର୍ଭର କରୁଥିବା କୁମ୍ ପଡ଼ାବାସୀଙ୍କ ସମସ୍ୟା ପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଅଚଳ ନଳକୂପ ମରାମତି କିମ୍ବା ନୂତନ ନଳକୂପ ଖନନ କରି ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ବଟକା କୁମପଡ଼ାର ବେନ୍ଦେଲ ବିଭାର,ଅମୁ ସୁନା,ସନ୍ଧ୍ୟା ହରିଜନ,ଯମୁନା ବିଭାର,ଅଷ୍ଟମୀ ବିଭାର,ଶଙ୍କର ତାଣ୍ଡି,ପୂର୍ଣ୍ଣମୀ ତାଣ୍ଡି, ବିଲମା ତାଣ୍ଡି,ମନନୀର ସୁନା,ସାନୁର୍ଯ୍ୟ ସୁନା,ଜ୍ୟୋଷ୍ଣା ବିଭାର,ଅନୁଷ୍କା ବିଭାର ସମେତ ପଡ଼ାବାସୀ ପ୍ରମୁଖ ଦାବି କରିଛନ୍ତି।ତେବେ ଉକ୍ତ ବଟକା ଗ୍ରାମର କୁମପଡ଼ା ବାସୀଙ୍କ ଦୁଃଖ କେବେ ବୁଝୁଛନ୍ତି ବିଭାଗୀୟ ଅଧିକାରୀ ଓ କେବେ ସୁଧୁରିବ ପାନୀୟ ଜଳର ବ୍ୟବସ୍ଥା ତାହା ଦେଖିବାକୁ ବାକି ରହିଲା।

## ସହରରେ ଛତୁ ଫୁଟିଲା ଭଳି ମାଛ ମାଂସ ଦୋକାନ
### ପୌରପରିଷଦର ଲଗାମ ନାହିଁ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ରେ ଦିନକୁ ଦିନ ମାଛ, ମାଂସ ଦୋକାନ ଛତୁ ଫୁଟିଲା ଭଳି ଗାଡ଼ି ଉଠି ଛି ଏହାକୁ ନିୟ ତ୍ର ଣ କରିବାରେ ବିଫଳ । ଏମାନଙ୍କୁ ଅନୁମତି ଦଉଛି କିଏ କାହା ସାହସ ରେ ଏମାନେ ସହର ଗଳି କନ୍ଦି ରେ ଦୋକାନ ଖୋଲା ଯାଇଛି । ମାଛ, ମାଂସ ଯାଞ୍ଚ ହଉଛି କି ନା। ନାହିଁ, ଭ ଲ ନା। ଖ ର।ପ ଲୋକେ ଜାଣିବେ କିପରି । ଏପରି ଅନେକ ପ୍ରଶ୍ନ ଲୋକଙ୍କ ମନରେ ପ୍ରଶ୍ନ ଉଙ୍କି ମାରିବା ସ୍ୱଭ ବିକ ଏହାର ଦା।ୟ ତ୍ୟ କାହାର ପୌର ପାରିଷଦ ନା। ଜିଲ୍ଲା ପ୍ରଶାସନ ଦାୟ ତ୍ୱ ସମସ୍ତଙ୍କୁ ଚକିତ କରିଛି। ଗଜପତି ଷ୍ଟା ଡି ୟ ମ ଠାରୁ ପୁରୁଣା କୋର୍ଟ ପର୍ଯ୍ୟନ୍ତ ଚାଲିଛି ମାଛ ମାଂସ ଦୋକାନ ରାସ୍ତା କଡ଼ରେ ଦୀର୍ଘ ଦିନ ହେଲା। ମାଛ ମାଂସ ବଜାର ରହିଛି କିନ୍ତୁ କିନ୍ତୁ କାହାର ପ୍ରୋ ରୋ ଚ ନା। ରେ ଏହି ଦୋକାନ ଗାଡ଼ି ଉଠି ଛି । ସହର ଟ୍ରାଫିକ ସମସ୍ୟା ସହ ପରିବେଶ ଅପରିଷ୍କାର ହଉଛି। ନା ସେମାନଙ୍କ ପାଖରେ ଡଷ୍ଟ ବିନ ରହିଛି। ନା ପରିଷ୍କାର କରୁଛନ୍ତି ପ ରିବେସ ଦୂଷିତ ଦୁର୍ଗନ୍ଧ ହେବ ଶୁ ନିଶ୍ଚିତ ଏହି କାମ କାହାର ଦାୟିତ୍ୱ ସାଧାରଣ ରେ ପ୍ରଶ୍ନ ବଟୀ ସୃଷ୍ଟି କରିଛି। ନୂତନ ମାଛ ମାର୍କେଟ ହେବ ବୋଲି ପୌର ପାରିଷଦ ହେବ କହୁ ଥିବା ବେଳ କେବେ ହେବ ସହ ର ବାସୀ ଙ୍କ ଦେଖିବା ବାକୁ ବାକି ରହିଲା ଏଥି ପ୍ରତି ସରକାର ଦୃଷ୍ଟି ପଡ଼ିଲେ ଜନ ସାଧ ରଣ ଉପକୃତ ହୋଇ ପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ବିଭିନ୍ନ ସ୍ଥାନରେ ପୂଜା ପାଇଲେ ବିଘ୍ନରାଜ ଶ୍ରୀ ଗଣେଶ

**ନୂଆଗାଁ (ମହାଭାରତ):** ଓଁ ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭଃ,ନିର୍ଭିଘ୍ନ କୁରୁମେ ଦେବ ସର୍ବ କାର୍ଯ୍ୟେଷୁ ସର୍ବଦା।ଚଳିତ ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ଇଂରାଜୀ ତା ୧୪.୦୯.୨୦୨୬ ରିଖ ସୋମବାର ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଶ୍ରୀ ଗଣେଶ ଙ୍କ ପୂଜା ପାଳିତ ହେଉଥିବା ବେଳେ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କ ରେ ଶ୍ରୀ ଗଣେଶ ପୂଜା ମହାଆଡମ୍ବରରେ ପାଳିତ ହୋଇଛି।ସ୍କୁଲ ଓ କଲେଜ ଗୁଡ଼ିକରେ ପିଲାମାନେ ନୂଆ ବସ୍ତ୍ର ପରିଧାନ କରି ହାତରେ ଭୋଗ ଥାଳି ଧରି ଅଗ୍ରପୂଜ୍ୟ ଶ୍ରୀ ଗଣେଶ ଙ୍କୁ ପୂଜା କରିବା ସହ ଆଶୀର୍ବାଦ ଭିକ୍ଷା ଗ୍ରହଣ କରିଥିଲେ।ସନ୍ଧ୍ୟା ସମୟରେ ବିଭିନ୍ନ ସ୍ଥାନରେ ପୂଜା ମଣ୍ଡପ ଗୁଡ଼ିକରେ ସୁସଜ୍ଜିତ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକ ମାଳାରେ ଝଲସୁଥିବା ମେଢ଼ ଦେଖିବାକୁ ମିଳିଥିଲା। ଶ୍ରୀ ଗଣେଶ ପୂଜା ଉପଲକ୍ଷେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ନୂଆଗାଁ ବ୍ଲକ ଖାଲମଡା ସମେତ ବିଭିନ୍ନ ପୂଜା ମଣ୍ଡପ ବୁଲି ଦର୍ଶନ କରିବା ସହ ବିଭୁ କୃପାଲାଭ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ଶଙ୍କର୍ଷଣ ବେହେରା,ଦିଲ୍ଲୀପ କୁମାର ଦଳବେହେରା, ଗୋଲଖ ବିହାରୀ ଗୋଛାୟତ,ସୁବ୍ରତ ପରିଡ଼ା ପ୍ରମୁଖ ଯୋଗ ଦେଇଥିବା ବେଳେ ବହୁ ସଂଖ୍ୟାରେ ଯୁବ ଗୋଷ୍ଠୀ ମାନେ ଉପସ୍ଥିତ ଥିଲେ।

## ମହୁମାଛି ଆକ୍ରମଣରେ ଶିଶୁ ସମେତ ୫ ଗୁରୁତର



କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ତାଳପଦା ଓ ଭରଣ୍ଡିଆ ପଞ୍ଚାୟତ ସୀମାନ୍ତ ବାରପହୁଟିଆ ଅଞ୍ଚଳରେ ମଙ୍ଗଳବାର ମହୁମାଛି ଆକ୍ରମଣରେ ଗୋଟିଏ ପରିବାରର ଶିଶୁ ସମେତ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରମାନଙ୍କୁ ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଯିବା ପରେ ଅଧିକ ଚିକିତ୍ସା ପାଇଁ ଘସିପୁରାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ, ବାରପହୁଟିଆ ଅଞ୍ଚଳରେ ଏକ ପରିବାରର ସଦସ୍ୟମାନେ ବିଲକାମ କରୁଥିଲେ। ଏହି ସମୟରେ ଅପରାହ୍ନ ପ୍ରାୟ ୩ଟା ୩୦ ମିନିଟ ସମୟରେ ହଠାତ୍ ମହୁମାଛି ଆକ୍ରମଣ କରିଥିଲା। ଆକ୍ରମଣରେ ପରିବାରର ସଦସ୍ୟମାନେ ଭୟଭୀତ ହୋଇ ଏଣେତେଣେ ଦୌଡ଼ିଥିଲେ। ତେବେ ମହୁମାଛିଙ୍କ ଆକ୍ରମଣରେ ଦେଢ଼ ବର୍ଷର ଶିଶୁ ସାଗର ହେମ୍ବ୍ରମଙ୍କ ସମେତ ପରିବାରର ୫ ଜଣ ଗୁରୁତର ଆହତ ହୋଇଥିଲେ।ଆହତମାନଙ୍କ ମଧ୍ୟରେ ରେମେତ ହେମ୍ବ୍ରମ (୬୦), ପୁଅ ଟିକୁ ହେମ୍ବ୍ରମ (୨୩), ବୋହୂ ସୀତା ହେମ୍ବ୍ରମ (୨୦), ବଡ଼ମା ତିଳ ହେମ୍ବ୍ରମ (୫୫) ଏବଂ ଦେଢ଼ ବର୍ଷର ଶିଶୁ ସାଗର ହେମ୍ବ୍ରମ ରହିଛନ୍ତି। ମହୁମାଛି ଆକ୍ରମଣରେ ସମସ୍ତେ ଗୁରୁତର ହୋଇପଡ଼ିବା ପରେ ପରିବାର ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ସେମାନଙ୍କୁ ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ପରେ ଅଧିକ ଚିକିତ୍ସା ପାଇଁ ଘସିପୁରା ନିଆଯାଇଥିଲା। ଏହି ଘଟଣାକୁ ନେଇ ପରିବାର ମଧ୍ୟରେ ଆତଙ୍କ ଦେଖାଦେଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଚିନ୍ତା ପ୍ରକାଶ ପାଇଛି। ବିଲରେ କାମ କରୁଥିବା ସମୟରେ ହଠାତ୍ ମହୁମାଛିଙ୍କ ଆକ୍ରମଣ ହେବାରୁ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି।

## ଅଗ୍ନିକାଣ୍ଡରେ ପୋଡ଼ିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି

**ବାଲିପାଟଣା,:**ବାଲିପାଟଣା ଥାନା ଭାକରସାହି ପଞ୍ଚାୟତ ଦଣ୍ଡାସାହିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କା ମୂଲ୍ୟର ସମ୍ପତ୍ତି ପାଉଁଶ ହୋଇଯାଇଛି। ସୂଚନାନୁସାରେ, ଗ୍ରାମର ରାଜେନ୍ଦ୍ର ଚିନେରାଙ୍କ ଘରେ ଆଜି ସନ୍ଧ୍ୟାରେ ହଠାତ ନିଆଁ ଲାଗିଥିଲା। ଚାହୁଁ ଚାହୁଁ ନିଆଁ ୩ ବଖରା ଘରକୁ ବ୍ୟାପି ଯାଇଥିଲା। ଉପର ମହଲାରେ ନିଆଁ ଲାଗି ଥିବାରୁ ଲୋକେ ଲିଭେଇବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ବାଲିପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ନିଆଁରେ ୨ ଟି ଏସି , ସୋଫା ସେଟ, ଟିଭି, ଖଟ ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ପୋଡି ପାଉଁଶ ହୋଇ ଯାଇଥିବା ଜଣାଯାଇଛି। ବର୍ତ୍ତମାନ ସୁଦ୍ଧା ନିଆଁ ଲାଗିବା ର ପ୍ରକୃତ କାରଣ ଜଣାପଡ଼ି ନାହିଁ।କ୍ଷତିଗ୍ରସ୍ତ ପରିବାର ଲୋକେ ସର୍ଟସର୍କିଟ ଘଟି ନିଆଁ ଲାଗିଥିବା କହୁଥିବା ବେଳେ ଗଣେଶ ମୂର୍ତ୍ତି ପୂଜାରେ ଧୂପ ଓ ଦୀପ ନିଆଁରୁ ବ୍ୟାପିଥିବା ସାଧାରଣରେ ଆଲୋଚନା ହେଉଛି।

## ସ୍ୱାମୀ ବିବେକାନନ୍ଦ ଜାତୀୟତାବାଦର ପ୍ରତୀକ

**କେନ୍ଦ୍ରାପଡ଼ା,:**ତୁଳସୀ ମହିଳା ମହାବିଦ୍ୟାଳୟ ସଭାଗୃହରେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନାଦର୍ଶ ଶୀର୍ଷକ ଏକ ଆଲୋଚନାଚକ୍ର କଲେଜ ଅଧ୍ୟକ୍ଷା ପ୍ରଫେସର ଡ. ବାସନ୍ତୀ ଶୁକ୍ଳାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ର କେନ୍ଦ୍ରାପଡା ଜିଲ୍ଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଏବଂ ମହାବିଦ୍ୟାଳୟ ଆଭ୍ୟନ୍ତରିକ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ମିଳିତ ସହଭାଗିତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ବିବେକାନନ୍ଦ ଲୋକ ସଂସଦର ରାଜ୍ୟ ଉଦବୋଧନୀ ପ୍ରମୁଖ ଡ. ରାମଚନ୍ଦ୍ର ପଲାଇ ଯୋଗଦେଇ ସ୍ୱାମୀ ବିବେକାନନ୍ଦ ଜାତୀୟତାବାଦର ପ୍ରତୀକ ଥିଲେ ବୋଲି କହିଥିଲେ। ଏଥିସହିତ ସେ ବିବେକାନନ୍ଦଙ୍କ ଆଦର୍ଶ, ଦିଗଦର୍ଶନ ଓ ସତ୍‌ମାର୍ଗରେ ପରିଚାଳିତ ହେବା ସହ ଦେଶ ଓ ସମାଜର ଉନ୍ନତିରେ ଯୁବପିଢିର ଭୂମିକା ସମ୍ପର୍କରେ ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ଆଭ୍ୟନ୍ତରିକ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠ ସଂଯୋଜକ ଅଧ୍ୟାପକ ସୁଶାନ୍ତ କୁମାର ପରିଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ଉଦବୋଧନୀ ମୁଖ୍ୟ ସୁରେନ୍ଦ୍ର ନାଥ ପଣ୍ଡା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଶୈକ୍ଷିକ ଅଧିକାରୀ ଡ. ପଦ୍ମଜାକବି ଶତପଥୀ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଶକ୍ତିଶେଖର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିବେକାନନ୍ଦ ଲୋକ ସଂସଦର କଟକ ଜୋନ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଦାସ, ଲୋକ ସଂସଦର ଖୋର୍ଦ୍ଧା ଜିଲ୍ଲା ସଭାପତି ଡ. ଚନ୍ଦ୍ରମଣି ନାୟକ, ଅଧ୍ୟାପକ ପ୍ରଭାକର ମଲ୍ଲିକ, ଅଧ୍ୟାପିକା ସୌମ୍ୟାକାନ୍ତି ମିତାଶ୍ରୀ, ଏଲୋରା କବି, ନିବେଦିତା ନାୟକ, ସୁରିତା ମିଶ୍ର, ଲିପିକା ରାଉତ, ଭାରତୀ କୁମାରୀ ଜେନାଙ୍କ ସମେତ ବହୁ ଅଧ୍ୟାପକ,ଅଧ୍ୟାପିକା ଓ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

## ଭୟାବହ ସଡ଼କ ଦୁର୍ଘଟଣା ମହିଳା ଜଣେ ମୃତ

କେନ୍ଦୁଝର,(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଧୀସ୍ଥ ସାହାରପଡା ଫାଣ୍ଡି ଅନ୍ତର୍ଗତ ମାଟିଆଗୁନି ଗ୍ରାମ ନିକଟରେ ଭୟାବହ ସଡ଼କ ଦୁର୍ଘଟଣା ଘଟି ଜଣେ ମହିଳା ଙ୍କ ମୃତ୍ୟୁ ଘଟିଛି। ମୃତକ ମହିଳା ଜଣକ ମାଟିଆଗୁନି ଗ୍ରାମର ଦୁନାଇ ମୁଣ୍ଡା ୫୬ବର୍ଷ ବୋଲି ଜଣାପଡି ଛି। ସୂଚନା ରୁ ପ୍ରକାଶ ଏକ ସ୍କୋଡା କାର ସାହାରପଡା ପଟୁ ବାରତଣିଆଁ ଅଭିମୁଖେ ଯାଉଥିବା ସମୟରେ ମାଟିଆଗୁନି ଟ୍ରନିଙ୍ଗ୍ ନିକଟରେ କାର ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ବସିଥିବା ଦୁନାଇ ମୁଣ୍ଡା ଙ୍କୁ କାରଟି ଧକ୍କା ଦେଇ ଥିଲା। ଫଳ ରେ ଦୁନାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ସିମେଣ୍ଟ ପିଲ୍ଲର ରେ ଧକ୍କା ହୋଇ ବିଲ ମଧ୍ୟକୁ ଓଲଟି ପଡ଼ିଥିଲା । ଦୁର୍ଘଟଣା ରେ କାର ଟି ମଧ୍ୟ ବିଲ୍ ମଧ୍ୟରେ ଓଲଟି ପଡିଥିଲା । କାର ଭିତରେ ଥିବା ୩ଜଣ ସୁରକ୍ଷିତ ଥିବା ଜଣାପଡ଼ି ଛି। କାର ଧୋକ୍କା ରେ ଗୁରୁତର ଆହତ ଦୁନାଇ ମୁଣ୍ଡା ଙ୍କୁ ସାହାରପଡା ଅଗ୍ନିଶମ ବିଭାଗର ଘଟଣାସ୍ଥ ରୁ ଉଦ୍ଧାର କରି କରଞ୍ଜିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିବା ବେଳେ କୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣା ପଡ଼ି ଛି। ଖବର ପାଇ ପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ସ୍କୋଡା କାର ଟିକୁ ଜବତ କରିବା ସହିତ କରଞ୍ଜିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ କରିବା ପରେ ମୃତଦେହ ପରିବାର ବର୍ଗ ଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## ରେଙ୍ଗାଭାଟିରେ ସୁନାନୀ ପରିବାର ପକ୍ଷରୁ ନୂଆଁଖାଇ ପର୍ବ ପାଳିତ

**ରାଇଘର,(ମହାଭାରତ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ରେଙ୍ଗାଭାଟି ଗ୍ରାମରେ ସୁନାନୀ ପରିବାର ତରଫରୁ ଧୁମଧାମରେ ପାଳନ କରାଯାଇଛି। ନୂଆଁଖାଇ କେବଳ ଏକ ପର୍ବ ନୁହେଁ,ଏହା ଓଡ଼ିଆ ଜନଜୀବନର ଏକ ପାରମ୍ପରିକ ଓ ଭାଇଚାରାର ପର୍ବ। ନୂଆ ଧାନରେ ପ୍ରସ୍ତୁତ ନୂଆ ଖାଦ୍ୟକୁ ପ୍ରଥମେ ଇଷ୍ଟଦେବୀ ଓ ଦେବଦେବୀଙ୍କୁ ଅର୍ପଣ କରିବା ପରେ ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ନୂଆଁ ଖାଇବାର ପରମ୍ପରା ରହିଛି।ଏହି ଅବସରରେ ସୁନାନୀ ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ପାରମ୍ପରିକ ରୀତିନୀତି ଅନୁଯାୟୀ ନୂଆଁଖାଇ ପାଳନ କରିଥିଲେ। ପରିବାରର ବୟୋଜ୍ୟେଷ୍ଠମାନଙ୍କୁ ଜୁହାର କରି ଆଶୀର୍ବାଦ ନେବା ସହ ଛୋଟମାନଙ୍କୁ ମଧ୍ୟ ସ୍ନେହ ଓ ଆଶୀର୍ବାଦ ଦିଆଯାଇଥିଲା।ନୂଆଁଖାଇ ଅବସରରେ ଘରେ ବିଭିନ୍ନ ପ୍ରକାରର ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ ହୋଇଥିଲା। ପରିବାରର ସମସ୍ତେ ଏକାଠି ବସି ନୂଆଁ ଖାଇବା ସହ ପରସ୍ପରକୁ ନୂଆଁଖାଇର ଶୁଭେଚ୍ଛା ଓ ଜୁହାର ଜଣାଇଥିଲେ।ଏହି ପର୍ବ ପରିବାରରେ ଏକତା,ସ୍ନେହ,ଭାଇଚାରା ଓ ପାରମ୍ପରିକ ସଂସ୍କୃତିକୁ ଆହୁରି ମଜବୁତ କରିଥାଏ। ଆଧୁନିକତାର ଛାପ ମଧ୍ୟରେ ନିଜ ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇ ରଖିବାର ଏହି ପ୍ରୟାସ ନିଶ୍ଚିତ ଭାବେ ଏକ ସୁନ୍ଦର ଉଦାହରଣ। ସୁନାନୀ ପାରିବାର ତରଫରୁ ନୂଆଁଖାଇର ଶୁଭେଚ୍ଛା ଜଣାଇ ଥିଲେନୂଆଁଖାଇ ଜୁହାର।

## ହୋ ଭାଷାକୁ ଦ୍ୱିତୀୟ ରାଜ ଭାଷାରେ ସାମିଲ କରିବାକୁ ବିଧାୟକଙ୍କ ଦାବିପତ୍ର



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବିର୍ସା ମୁଣ୍ଡା ହୋ ସମାଜ ମାର୍ଶାଲ ଆକଲା କମିଟି ପକ୍ଷ ରୁ ସଭାପତି ସୁଦର୍ଶନ ମୁଣ୍ଡା ଙ୍କ ନେତୃତ୍ୱ ରେ ସମ୍ବିଧାନ ର ଅଷ୍ଟମ ଅନୁ ଉଚ୍ଛେଦ ରେ ସାମିଲ୍ କରିବା ସହ ଦ୍ୱିତୀୟ ରାଜଭାଷା ଭାବେ ମାନ୍ୟତା ଦାବି ନେଇ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଙ୍କୁ ଏକ ଲିଖିତ ସ୍ମାରକ ଦାବି ପତ୍ର ପ୍ରଦାନ କରି ଛନ୍ତି। ଏହା ସହିତ ହୋ ଭାଷା କୁ ଆସନ୍ତା ବିଧାନ ସଭା ଅଧିବେଶନ କିପରି ସ୍ୱୀକୃତୀ ମିଳିବ ତା ସହିତ ଗୃହ ରେ କେନ୍ଦ୍ର ସରକାର ଙ୍କ ନିକଟରେ ସୁପାରିଶ କରିବାକୁ ବିଧାୟକ ଅଖିଳ ଚନ୍ଦ୍ର ନାଏକ ଙ୍କୁ ଅନୁରୋଧ କରିଛନ୍ତି। ଏହି ଅବସରରେ ପାଟଣା ବ୍ଲକ ଉପଦେଷ୍ଟା ଅଭିରାମ ମୁଣ୍ଡା, ବିଜୁ ମୁଣ୍ଡା, ଉପସଭାପତି ସୁବାଶ ମୁଣ୍ଡା, ସଂପାଦକ ମହାନ୍ତି ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କୁରାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଦେଖିବେ ୬ ଡ଼ାକ୍ତର
## ଚିକିତ୍ସା କ୍ଷେତ୍ରରେ ବଡ଼ ପରିବର୍ତ୍ତନ

ଓଡ଼ଗାଁ,(ମହାଭାରତ): ସ୍ୱାସ୍ଥ୍ୟ ସେବାରେ ପରିବର୍ତ୍ତନ ଆଣିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି।କେତେକ ସ୍ଥାନରେ ଡ଼ାକ୍ତର ଅଭାବରୁ ସ୍ୱାସ୍ଥ୍ୟସେବା ବିଗିଡ଼ିବାକୁ ବସିଥିବାବେଳେ ଆଉକିଛି ସ୍ଥାନରେ ଆୟୁଷ ଡ଼ାକ୍ତର ଓ କମ୍ପାଣ୍ଡର ସ୍ୱାସ୍ଥ୍ୟକେନ୍ଦ୍ର ସମ୍ଭାଳୁଛନ୍ତି।ଓଡ଼ଗାଁ ବ୍ଲକ୍ କୁରାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼ାକ୍ତର ନଥିବାରୁ ଚିକିତ୍ସା ବାଧାପ୍ରାପ୍ତ ହେଉଥିବାରୁ ୬ଜଣ ଡ଼ାକ୍ତରଙ୍କୁ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦିଆଯାଇଛି।ସୂଚନା ଅନୁଯାୟୀ କୁରାଳ ପଞ୍ଚାୟତରେ ୧୦ ହଜାରରୁ ଉର୍ଦ୍ଧ୍ୱଲୋକ ବସବାସ କରନ୍ତି।ଏସବୁକୁ ଦୃଷ୍ଟିରେ ରଖି କୁରାଳରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରାଯାଇଛି।ମାତ୍ର ବର୍ଷବର୍ଷ ଧରି କୁରାଳରେ ଡ଼ାକ୍ତର ସମସ୍ୟା ଯୋଗୁ ରୋଗୀମାନେ ଓଡ଼ଗାଁ,ନୟାଗଡ଼ ଏବଂ କଟକ,ଭୁବନେଶ୍ୱର ଯାଉଥିଲେ।କେବଳ କୁରାଳ ପଞ୍ଚାୟତ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି ତାହାନୁହଁ ଗିରିଡ଼ିପଲ୍ଲୀ, ସୁନାମୁହିଁ,କୋମଣ୍ଡ,ପାଣ୍ଡେରିପଡ଼ା ଓ ଗଞ୍ଜାମ ଅଞ୍ଚଳରୁ ଶହଶହ ରୋଗୀ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି।କୁରାଳ ସ୍ୱାସ୍ଥ୍ୟକେନ୍ଦ୍ରେରେ ଗତ କିଛିବର୍ଷ ଧରି ଡ଼ାକ୍ତର ନଥିବାରୁ ଆୟୁଷ ଡ଼ାକ୍ତର ରୋଗୀ ଚିକିତ୍ସା କରୁଥିଲେ।ଏନେଇ




ବାରମ୍ବାର ପ୍ରଶାସନ ଓ ରାଜନେତାଙ୍କ ମଧ୍ୟରେ ମାନସ ମନ୍ଥନ ହେଉଥିଲା। ଗତ ୫ତାରିଖ ଦିନ କୁରାଳ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୬ଜଣ ଡ଼ାକ୍ତର ଆସି ନିୟମିତ ରୋଗୀ ଦେଖିବାକୁ ନିର୍ଦ୍ଦେଶ ଦିଆଯାଇଛି।ସପ୍ତାହର ୧ମ ଓ ୩ୟ ସୋମବାର ଦିନ ଡ଼ାକ୍ତର ଅମରଜ୍ୟୋତି ସାହୁ ସକାଳ ୮ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ରୋଗୀ ଦେଖିବେ।ସେହିପରି ୨ୟ ଓ ୪ର୍ଥ ସୋମବାର ଦିନ ଡ଼ାକ୍ତର ନରେଶ ନାୟକ ସକାଳ ୮ରୁ ଦିନ ୧୨ଟା ପର୍ଯ୍ୟନ୍ତ ରୋଗୀ ଦେଖିବେ।ସପ୍ତାହର ୧ମ ଓ ୩ୟ ବୁଧବାର ଦିନ ଡ଼ାକ୍ତର ଇପ୍ସିତା ଦାଶ ଏବଂ ୨ୟ ଓ ୪ର୍ଥ ବୁଧବାର ଡ଼ାକ୍ତର ଅବିନାଶ ଶତପଥୀ ରୋଗୀ ଦେଖିବେ।ସେହିପରି ସପ୍ତାହର ୧ମ ଓ ୩ୟ ଶୁକ୍ରବାର ଦିନ ଡ଼ାକ୍ତର ଅମିତ କୁମାର ପଣ୍ଡା ଏବଂ ୨ୟ ଓ ୪ର୍ଥ ଶୁକ୍ରବାର ଦିନ ଡ଼ାକ୍ତର ଭାଗିରଥୀ ପ୍ରଧାନ ରୋଗୀ ଦେଖିବେବୋଲି ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପୂର୍ଣ୍ଣ୍ୟବ୍ରତ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି।ଚିଠି ସଂଖ୍ୟା ୩୮୬୨ ଅନୁଯାୟୀ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସମସ୍ତ ଡ଼ାକ୍ତରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଏଭଳି ପଦକ୍ଷେପରେ ସ୍ୱାସ୍ଥ୍ୟସେବାରେ ଏକବଡ଼ ପରିବର୍ତ୍ତନ ହେବବୋଲି ଆଲୋଚନା ହେଉଛି। ଡ଼ାକ୍ତର ନିଯୁକ୍ତି ପରେ କୁରାଳ ଓ ଆଖପାଖ ଗ୍ରାମ ଗୁଡ଼ିକର ଜନ ସାଧାରଣ ନୟାଗଡ଼ ସିଡ଼ିଏମଓ ସୁଶାନ୍ତ କୁମାର ସ୍ୱାଇଁ ଏବଂ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପୂର୍ଣ୍ଣ୍ୟବ୍ରତ ମହାପାତ୍ରଙ୍କୁ ସାଧୁବାଦ ଜଣାଇଛନ୍ତି।

## ଗୃହମନ୍ତ୍ରୀ ଅମିତ ଶାହଙ୍କ ବିବୃତିକୁ ନେଇ ଶାସକ ମେଣ୍ଟ ଦୁଇଫାଳ ନୀତିଶଙ୍କ ଦଳ କହିଲା ବିହାରରେ ଏସବୁ ଚଳିବ ନାହିଁ



ନୂଆଦଲ୍ଲୀ : ଆଗାମୀ ଲୋକସଭା ନିର୍ବାଚନ ପୂର୍ବରୁ ବିଜେପି-ଏନଡିଏ ଶାସିତ ୨୧ଟି ରାଜ୍ୟରେ ସମାନ ନାଗରିକ ସଂହିତା(ୟୁସିସି)ଲାଗୁ କରିବା ପାଇଁ ଗୃହମନ୍ତ୍ରୀ ଅମିତ ଶାହଙ୍କ ବିବୃତିକୁ ନେଇ ଶାସକ ମେଣ୍ଟ ଦୁଇଫାଳ ହୋଇଥିବା ପରି ମନେ ହେଉଛି। ସମାନ ନାଗରିକ ସଂହିତାକୁ ନେଇ ଏନଡିଏ ଭିତରେ ମତଭେଦ ଦେଖାଦେଇଛି। କିଛି ଏନଡିଏ ସହଯୋଗୀ ୟୁସିସିକୁ ସମର୍ଥନ କରିଛନ୍ତି, ଯେତେବେଳେ କିଛି ଏହାକୁ ବିରୋଧ କରିଛନ୍ତି। ୟୁସିସିକୁ ବିରୋଧ କରୁଥିବା ଦଳଗୁଡ଼ିକ କହିଛନ୍ତି ଯେ ଏହି ପ୍ରସଙ୍ଗରେ ଏକ ବ୍ୟାପକ ଆଲୋଚନା ହେବା ଉଚିତ୍।ତେଲୁଗୁ ଦେଶମ ପାର୍ଟି (ଟିଡିପି), ଶିବସେନା ଏବଂ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା।(ଏଚ୍ଏଏମ୍) (ଧର୍ମନିରପେକ୍ଷ)ୟୁସିସିକୁ ସମର୍ଥନ କରିଛନ୍ତି।

ଯେତେବେଳେ ଜନତା ଦଳ (ୟୁନାଇଟେଡ୍) ଏବଂ ଲୋକ ଜନଶକ୍ତି ପାର୍ଟି(ରାମ ବିଳାସ)ପରି ବିଜେପି ସହଯୋଗୀମାନେ ସତର୍କ ମନୋଭାବ ଗ୍ରହଣ କରିଛନ୍ତି। ନୀତିଶ କୁମାରଙ୍କ ଦଳ ଜେଡିୟୁର ବରିଷ୍ଠ ନେତା ତଥା ବିଧାୟକ ଶ୍ୟାମ ରଜକ କହିଛନ୍ତି, ସଂସଦରେ ବିଲ୍ ପାସ୍ ହେଉଥିବା ସମୟରେ ମଧ୍ୟ ଆମ ଦଳ ଏହାକୁ ସମର୍ଥନ କରି ସ୍ପଷ୍ଟ କରିଥିଲା ଯେ, ଏହାକୁ ବିହାରରେ ଲାଗୁ କରାଯିବା ଉଚିତ୍ ନୁହେଁ। ଦଳ ଆଜି ମଧ୍ୟ ଏହି ମତ ବଜାୟ ରଖିଛି। ଶ୍ୟାମ ରଜକ କହିଛନ୍ତି, କୌଣସି ପରିସ୍ଥିତିରେ ବିହାରରେ ୟୁସିସି କାର୍ଯ୍ୟକାରୀ କରିବା ନେଇ ପ୍ରଶ୍ନ ଉଠୁନି। ବିହାରରେ ବର୍ତ୍ତମାନର ଏନଡିଏ ସରକାର ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଏହା କେବଳ ବିଜେପି ସରକାର ନୁହେଁ, ବରଂ ଅନେକ ସହଯୋଗୀଙ୍କ ମେଣ୍ଟ। ମୁଖ୍ୟମନ୍ତ୍ରୀ ବିଜେପିର, କିନ୍ତୁ ସରକାର ଏକ ଏନଡିଏ ସରକାର। ଯେଉଁଥିରେ ଜେଡିୟୁ, ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ଏବଂ ଏଲଜେପି ସମେତ ଅନ୍ୟାନ୍ୟ ସହଯୋଗୀ ଦଳ ସାମିଲ ଅଛନ୍ତି। ବିଜେପି ନେତୃତ୍ୱ ସହିତ ଏହି ପ୍ରସଙ୍ଗରେ ଆଲୋଚନା କରିବ ବୋଲି ଜେଡିୟୁ ମଧ୍ୟ ସୂଚାଇ ଦେଇଛି। ଜେଡିୟୁର ରାଷ୍ଟ୍ରୀୟ ମୁଖପାତ୍ର ରାଜୀବ ରଞ୍ଜନ କହିଛନ୍ତି ଯେ କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଝା ଖୁବ୍ ଶୀଘ୍ର ଶାହଙ୍କ ସହ ଏହି ବିଷୟରେ ଆଲୋଚନା କରିବେ।

ଏଲଜେପି(ରାମ ବିଳାସ)ମୁଖ୍ୟ ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାସୱାନ କହିଛନ୍ତି, ଭାରତର ସାମାଜିକ ଗଠନ ବିବିଧ, ଏବଂ ବିଭିନ୍ନ ସମ୍ପ୍ରଦାୟର ନିଜସ୍ୱ ନାଗରିକ ପରମ୍ପରା ଏବଂ ରୀତିନୀତି ଅଛି। ସମ୍ବିଧାନରେ ଅନୁସୂଚିତ ଜନଜାତିଙ୍କୁ ଦିଆଯାଇଥିବା ବିଭିନ୍ନ ଛାଡ଼କୁ ଉଲ୍ଲେଖ କରି ସେ କହିଛନ୍ତି ଯେ ତାଙ୍କ ଦଳ ସମାନତା ଏବଂ ବିବିଧତା ଉଭୟ ପାଇଁ ପ୍ରତିଶ୍ରୁତିବଦ୍ଧ। ୟୁସିସି ଡ୍ରାଫ୍ଟ ସାର୍ବଜନୀନ ହେବା ପରେ, ସମସ୍ତ ଅଂଶୀଦାରଙ୍କ ସ୍ୱାର୍ଥ ବିଚାର କରାଯିବା ପରେ ଏବଂ ବ୍ୟାପକ ପରାମର୍ଶ କରାଯିବା ପରେ ଦଳ ନିଜର ମତାମତ ପ୍ରକାଶ କରିବ।

ଟିଡିପି ୟୁସିସିକୁ ସମର୍ଥନ କରେ, କିନ୍ତୁ ଏଥିରେ ସମସ୍ତ ଅଂଶୀଦାରଙ୍କୁ ସାମିଲ କରିବାକୁ ଚାହୁଁଛି। ଟିଡିପି ସଂସଦୀୟ ଦଳ ନେତା ଲାଭୁ ଶ୍ରୀକୃଷ୍ଣ ଦେବରାୟାଲୁ କହିଛନ୍ତି, ଆମେ ଏହାକୁ ସମର୍ଥନ କରିବୁ। ଏହା ଉପରେ ବର୍ତ୍ତମାନ କୌଣସି ଆଲୋଚନା ହେଉନାହିଁ। କିନ୍ତୁ ଯେତେବେଳେ ଆମେ ଆବଶ୍ୟକତା ଅନୁଭବ କରିବୁ, ଆମେ ଏହା ଉପରେ ବିଚାର କରିବୁ। ଏହାକୁ ଗ୍ରହଣ କରିବା ପୂର୍ବରୁ ଆମେ ନିଶ୍ଚିତ ଭାବରେ ବିଭିନ୍ନ ଅଂଶୀଦାରଙ୍କ ମତାମତକୁ ଏଥିରେ ସାମିଲ କରିବୁ। ତେବେ ଟିଡିପିର ବର୍ତ୍ତମାନର ମତ ପୂର୍ବ ମତଠାରୁ ଭିନ୍ନ ରହିଛି। ୨୦୨୪ ଲୋକସଭା ନିର୍ବାଚନ ପରେ ଏନଡିଏରେ ଯୋଗଦେବା ପୂର୍ବରୁ, ଟିଡିପି ମୁଖ୍ୟ ଏବଂ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ କହିଥିଲେ, ୟୁସିସିର ପ୍ରସଙ୍ଗ ଆସିଲେ ଟିଡିପି ମୁସଲିମ ସମ୍ପ୍ରଦାୟ ସହିତ ଠିଆ ହେବ।

ଶିବସେନା ୟୁସିସି ଲାଗୁ କରିବା ନେଇ ଶାହଙ୍କ ପ୍ରୟାସକୁ ଦୃଢ଼ ସମର୍ଥନ କରିଛି। ଦଳର ନେତା ଶ୍ରୀକାନ୍ତ ସିନ୍ଦେ କହିଛନ୍ତି, ୟୁସିସି ସମାନତା, ନ୍ୟାୟ ଏବଂ ଜାତୀୟ ଏକତାର ନୀତି ଉପରେ ଆଧାରିତ। ଏହା ଆମର ପ୍ରତିଷ୍ଠାତା ବାଲାସାହେବ ଠାକରେଙ୍କ ଦୀର୍ଘକାଳୀନ ଆଦର୍ଶଗତ ଦୃଷ୍ଟିକୋଣ ମଧ୍ୟ ରହିଛି। ଏକ ଆଦର୍ଶଗତ ସହଯୋଗୀ ଭାବରେ, ଭାରତର ଜନସାଧାରଣଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରିବାରେ ସରକାରଙ୍କ ସହିତ ଦୃଢ଼ ଭାବରେ ଠିଆ ହେବା ଆମର କର୍ତ୍ତବ୍ୟ। ଆମର ନେତା ଏକନାଥ ସିନ୍ଦେ ୟୁସିସିକୁ କାର୍ଯ୍ୟକାରୀ କରିବା ଏବଂ ଏକ ଶକ୍ତିଶାଳୀ, ଏକତା ଏବଂ ପ୍ରଗତିଶୀଳ ଭାରତର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ସେହିପରି ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ସନ୍ତୋଷ କୁମାର ସୁମନ ମଧ୍ୟ ଶାହଙ୍କ ବକ୍ତବ୍ୟକୁ ସମର୍ଥନ କରିଛନ୍ତି।

## ବଦ୍ରି-କେଦାରରେ ଭିଆଇପି ଦର୍ଶନ ଶୁଳ୍କ ଉପରେ ରୋକ୍, ଦ୍ୱିତୀୟ ପର୍ଯ୍ୟାୟରେ ମିଳିବ ଛାଡ଼



ଉତ୍ତରାଖଣ୍ଡ : ଚାରଧାମ ଯାତ୍ରା କରୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ବଡ଼ ଖବର । ଉତ୍ତରାଖଣ୍ଡ ଚାରଧାମ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭରୁ ବଦ୍ରି-କେଦାର ଦର୍ଶନ କରୁଥିବା ଭିଆଇପି ଶ୍ରଦ୍ଧାଳୁଙ୍କ ପାଇଁ ଆଶ୍ୱସ୍ତି ଆଣିଛନ୍ତି ସରକାର । ବଦ୍ରିନାଥ-କେଦାରନାଥ ମନ୍ଦିର ସମିତି ପ୍ରୋଟୋକଲରେ ଆସୁଥିବା ଭିଆଇପିଙ୍କ ଠାରୁ ନିଆଯାଉଥିବା ୧୧୦୦ ଟଙ୍କା ଯାତ୍ରୀ ଶୁଳ୍କରେ ରୋକ୍ ଲଗାଯାଇଛି ।

ଖବର ମୁତାବକ, ଚାରଧାମ ଯାତ୍ରାରେ ଭିଆଇପି ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ତରଫରୁ ସୁରକ୍ଷା, ପ୍ରୋଟୋକଲ ଏବଂ ଦର୍ଶନ ବ୍ୟବସ୍ଥାକୁ ନେଇ ଅତିରିକ୍ତ ଭାର ବଢ଼ିବାରେ ଲାଗିଛି । ପୂର୍ବରୁ ଏହି ଅତିରିକ୍ତ ଭାରକୁ କମ୍ କରିବା ସହ ଖର୍ଚ୍ଚ କମାଇବା ପାଇଁ ବିକେଟିସି ଏହି ଶୁଳ୍କ ପୂର୍ବରୁ ଧାର୍ଯ୍ୟ କରିଥିଲା । କିନ୍ତୁ ଏବେ ୧୫ ସେପ୍ଟେମ୍ବରରୁ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଯାତ୍ରା ପାଇଁ ଶୁଳ୍କ ନ ନେବାକୁ ମନ୍ଦିର କମିଟି ଧାର୍ଯ୍ୟ କରିଛି ।

ତେବେ ଏହି ଶୁଳ୍କ ସ୍ଥାୟୀ କିମ୍ବା ଅସ୍ଥାୟୀ ଭାବେ ବନ୍ଦ ହୋଇଛି, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ । କିନ୍ତୁ ସମିତି ଅନୁସାରେ ଏହି ଛାଡ଼ ଦ୍ୱିତୀୟ ପର୍ଯ୍ୟାୟ ଯାତ୍ରା ଯାଏଁ ସୀମିତ ରହିଛି । ଶୁଳ୍କ ପୁଣି ଆରମ୍ଭ ହେବ କି ନାହିଁ ତାହାର ନିଷ୍ପତ୍ତି ଏବେ ସୁଦ୍ଧା ନିଆଯାଇନାହିଁ ।


ବିକେଟିସି ପକ୍ଷରୁ ଭିଆଇପି ଶ୍ରଦ୍ଧାଳୁଙ୍କ ପ୍ରାଥମିକ ଦର୍ଶନ ବ୍ୟବସ୍ଥା ଯୋଗୁଁ ବଦ୍ରିନାଥ ଧାମରେ ୧,୬୩,୧୧,୯୦୦ ଟଙ୍କା ଏବଂ କେଦାରନାଥ ଧାମରେ ୬୭,୩୭,୫୦୦ ଟଙ୍କା ଆଦାୟ ହୋଇଥିଲା । ନିଜେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି କେଦାରନାଥ କପାଟ ଖୋଲିବା ପରେ ସାଧାରଣ ଶ୍ରଦ୍ଧାଳୁଙ୍କ ଭଳି ମୁଖ୍ୟ ଦ୍ୱାର ଦର୍ଶନ କରିଥିଲେ ଏବଂ କିଛି ମିନିଟରେ ଦର୍ଶନ କରି ଫେରିଆସିଥିଲେ । ତେଣୁ ଭିଆଇପି ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ନିଆଯାଉଥିବା ଶୁଳ୍କ ବ୍ୟବସ୍ଥା ଦ୍ୱିତୀୟ ପର୍ଯ୍ୟାୟ ଯାତ୍ରାରେ ନ ନେବାକୁ କୁହାଯାଇଛି । ଏନେଇ ଗାଇଡଲାଇନ ପ୍ରସ୍ତୁତ କରାଯାଇ ବ୍ୟବସ୍ଥାକୁ ପୁଣିଥରେ ଲାଗୁ କରାଯିବ । ତେଣୁ ସାଧାରଣ ଶ୍ରଦ୍ଧାଳୁ ଶୀଘ୍ର ଦର୍ଶନ କରିବାକୁ ନେଇ ମନ୍ଦିର ସମିତି ପ୍ରଶାସନ ଏହାକୁ ପ୍ରାଥମିକତା ଦେଇଛି ।

## ୟୁପିରେ ଘର-ଦୋକାନ ଭଡ଼ା ହେଲା ଶସ୍ତା ; ଷ୍ଟାମ୍ପ୍ ଓ ପଞ୍ଜୀକରଣ ଶୁଳ୍କରେ ବଡ଼ ରିହାତି ଘୋଷଣା କଲେ ଯୋଗୀ ସରକାର



ଉତ୍ତରପ୍ରଦେଶ : ଉତ୍ତରପ୍ରଦେଶରେ ଏବେ ଭଡ଼ା ଚୁକ୍ତିପତ୍ର କରିବା ଅତ୍ୟନ୍ତ ଶସ୍ତା ଏବଂ ସହଜ ହେବାକୁ ଯାଉଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଉତ୍ତରପ୍ରଦେଶ ଭଡ଼ାଟିଆ ନିୟମାବଳୀ ସହ ଜଡ଼ିତ ଷ୍ଟାମ୍ପ୍ ଏବଂ ପଞ୍ଜୀକରଣ ଶୁଳ୍କର ଏକ ନୂତନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହି ନିଷ୍ପତ୍ତି ପରେ ପୂର୍ବରୁ ପ୍ରଚଳିତ ଜଟିଳ ସର୍କଲ ରେଟ୍ ଫର୍ମୁଲାକୁ ସମାପ୍ତ କରି ଏକ ନିର୍ଦ୍ଦିଷ୍ଟ ଫିକ୍ସଡ୍ ଦେୟ ଲାଗୁ କରାଯାଇଛି । ରାଜ୍ୟରେ ଭଡ଼ା ନେଣଦେଣ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା, ଘରମାଲିକ ଏବଂ ଭଡ଼ାଟିଆଙ୍କ ମଧ୍ୟରେ ହେଉଥିବା ଆଇନଗତ ବିବାଦ କମାଇବା ଏବଂ ମୋଟା ଅଙ୍କର ଷ୍ଟାମ୍ପ୍ ଡ୍ୟୁଟି ଭୟରେ ବିନା ଚୁକ୍ତିପତ୍ରରେ ରହୁଥିବା ପ୍ରଥାକୁ ବନ୍ଦ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ । ଷ୍ଟାମ୍ପ୍ ଏବଂ ପଞ୍ଜୀକରଣ ଶୁଳ୍କ ରାଷ୍ଟ୍ରମନ୍ତ୍ରୀ ରବୀନ୍ଦ୍ର ଜୟସ୍ୱାଲଙ୍କ ସୂଚନା ଅନୁଯାୟୀ, ଏପର୍ଯ୍ୟନ୍ତ ରାଜ୍ୟରେ ରେଣ୍ଟ ଏଗ୍ରିମେଣ୍ଟ କରିବା ସମୟରେ ସମ୍ପତ୍ତିର ସର୍କଲ ରେଟ୍‌ର ଚାରି ଗୁଣା ମୂଲ୍ୟ ଉପରେ ୪ ପ୍ରତିଶତ ଶୁଳ୍କ ଦେବାକୁ ପଡୁଥିଲା । ଏହି କାରଣରୁ ସାମାନ୍ୟ ଭଡ଼ା ଥିଲେ ମଧ୍ୟ ହଜାର ହଜାର ଟଙ୍କାର ଷ୍ଟାମ୍ପ୍ ଡ୍ୟୁଟି ଦେବାକୁ ହେଉଥିଲା । ପୁରୁଣା ବ୍ୟବସ୍ଥା ଅନୁସାରେ ବାର୍ଷିକ ୨ ଲକ୍ଷ ଟଙ୍କା ଭଡ଼ା ଥିବା ଘରର ଚୁକ୍ତିପତ୍ର ପାଇଁ ପ୍ରାୟ ୩୨,୦୦୦ ଟଙ୍କା ପର୍ଯ୍ୟନ୍ତ ଷ୍ଟାମ୍ପ୍ ଶୁଳ୍କ ଗଣିବାକୁ ପଡୁଥିଲା । କିନ୍ତୁ ନୂତନ ବ୍ୟବସ୍ଥାରେ ଏହି ଜଟିଳ ନିୟମକୁ ସମ୍ପୂର୍ଣ୍ଣ ହଟାଇ ଏକ ନିର୍ଦ୍ଦିଷ୍ଟ ସ୍ଲାବ୍ ଲାଗୁ କରାଯାଇଛି, ଯାହାଫଳରେ ବାର୍ଷିକ ୨ ଲକ୍ଷ ଟଙ୍କା ଭଡ଼ା ଥିବା ଏଗ୍ରିମେଣ୍ଟ ଉପରେ ଏବେ ମାତ୍ର ୧,୦୦୦ ଟଙ୍କା ଶୁଳ୍କ ଦେବାକୁ ପଡ଼ିବ । ସଂସଦୀୟ ବ୍ୟାପାର ତଥା ଅର୍ଥମନ୍ତ୍ରୀ ସୁରେଶ କୁମାର ଖାନ୍ନା ସ୍ପଷ୍ଟ କରିଛନ୍ତି ଯେ, ଏହି କ୍ୟାବିନେଟ୍ ନିଷ୍ପତ୍ତିର ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବା କ୍ଷଣି ହିଁ ସମଗ୍ର ଉତ୍ତରପ୍ରଦେଶରେ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଯିବ ।

## ଶୁଭେନ୍ଦୁଙ୍କ ମାଷ୍ଟରଷ୍ଟ୍ରୋକ୍: ନନ୍ଦିଗ୍ରାମ ଆସନ ପାଇଁ ପୂର୍ବତନ ପିଏ ଚନ୍ଦ୍ରନାଥଙ୍କ ମାତାଙ୍କୁ ଟିକେଟ୍ ଦେଲା ବିଜେପି



କୋଲକାତା: ପଶ୍ଚିମବଙ୍ଗର ନନ୍ଦିଗ୍ରାମ ବିଧାନସଭା ଉପନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମାଷ୍ଟରଷ୍ଟ୍ରୋକ୍ ଖେଳିଛନ୍ତି। ତାଙ୍କର ପୂର୍ବତନ ବ୍ୟକ୍ତିଗତ ସହାୟକ(ପିଏ) ଚନ୍ଦ୍ରନାଥ ରଥଙ୍କ ମାତା ହାସିରାଣୀ ରଥଙ୍କୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ଟିକେଟ୍ ଦିଆଯାଇଛି। ମଙ୍ଗଳବାର ହାସିରାଣୀ ତାଙ୍କର ନାମାଙ୍କନ ଦାଖଲ କରିବେ। ନାମାଙ୍କନ ସମୟରେ ଶୁଭେନ୍ଦୁ ଅଧିକାରୀ ମଧ୍ୟ ଉପସ୍ଥିତ ରହିବେ। ନିର୍ବାଚନ କମିସନ ଅକ୍ଟୋବର ୬ ତାରିଖରେ ନନ୍ଦିଗ୍ରାମ ବିଧାନସଭା ଉପନିର୍ବାଚନ ପାଇଁ ନିର୍ବାଚନ ଘୋଷଣା କରିବା ପରେ ହାସିରାଣୀ ସମ୍ଭାବ୍ୟ ବିଜେପି ପ୍ରାର୍ଥୀଙ୍କ ଦୌଡ଼ରେ ଆଗୁଆ ଥିଲେ।

ଚନ୍ଦ୍ରନାଥଙ୍କୁ ମେ’ ୬ ତାରିଖ ରାତିରେ ଗୁଳିକରି ହତ୍ୟା କରାଯାଇଥିଲା।ନନ୍ଦିଗ୍ରାମ ଆସନ ଶୁଭେନ୍ଦୁ ଅଧିକାରୀଙ୍କ ଗଡ଼। ଏଥର ମୁଖ୍ୟମନ୍ତ୍ରୀ ତାଙ୍କର ପାରମ୍ପରିକ ନନ୍ଦିଗ୍ରାମ ଆସନ ସହିତ ଭବାନୀପୁରରୁ ଜିତିଥିଲେ। ଭବାନୀପୁରରେ ସେ ଟିଏମସି ମୁଖ୍ୟ ମମତା ବାନାର୍ଜୀଙ୍କୁ ପରାସ୍ତ କରିଥିଲେ ମୁଖ୍ୟମନ୍ତ୍ରୀ ହେବା ପରେ ସେ ନନ୍ଦିଗ୍ରାମ ଆସନ ଛାଡି ଦେଇଥିଲେ। ଏବେ ସେଠାରେ ନିର୍ବାଚନ ହେଉଛି। ଟିଏମସିର ଉଭୟ ଗୋଷ୍ଠୀ ସହିତ କଂଗ୍ରେସ ଏବଂ ବାମପନ୍ଥୀମାନେ ମଧ୍ୟ ନନ୍ଦୀଗ୍ରାମ ଏବଂ ରାଜନଗର ଆସନରେ ପ୍ରାର୍ଥୀ ଦେଇଛନ୍ତି। ମମତା ବାନାର୍ଜୀଙ୍କ ଟିଏମସି ନନ୍ଦୀଗ୍ରାମରୁ ସଞ୍ଜିତା ପ୍ରଧାନ ଦେଙ୍କୁ ପ୍ରାର୍ଥୀ କରିଛି। ବିଦ୍ରୋହୀ ଗୋଷ୍ଠୀ ମହମ୍ମଦ ଏତେଶାମୁଲ ହକଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସ ମିଲନ ପ୍ରଧାନଙ୍କୁ ପ୍ରାର୍ଥୀ କରିଛି, ଏବଂ ସିପିଆଇ ଶାନ୍ତି ଗୋପାଳ ଗିରିଙ୍କୁ ପ୍ରାର୍ଥୀ କରିଛି।

## ମଣିପୁରରେ ପୁଣି ହିଂସା ; ଦୁଇ ମହିଳାଙ୍କୁ ଗୁଳି କରି ହତ୍ୟା ସହ ଜାଳିଦେଲେ ଫାର୍ମହାଉସ୍

ମଣିପୁର : ମଣିପୁରର ଜିରିବାମ ଜିଲ୍ଲାର ଲେଇସଙ୍ଗ କୁକି ଗାଁରେ ଏକ ପୁଣି ହିଂସାକାଣ୍ଡ ଘଟିଛି । ଦୁଇଜଣ ଆଦିବାସୀ ମହିଳାଙ୍କୁ ଗୁଳି କରି ହତ୍ୟା କରାଯାଇଛି ଏବଂ ଏକାଧିକ ଫାର୍ମହାଉସ୍‌କୁ ନିଆଁ ଲଗାଇ ପୋଡ଼ି ଦିଆଯାଇଛି । ଜିରିବାମ-ତାମେଙ୍ଗଲଙ୍ଗ ସୀମାନ୍ତରେ ଘଟିଥିବା ଏହି ରକ୍ତପାତ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିବା ସହ ସମ୍ବେଦନଶୀଳ ଅଞ୍ଚଳରେ ରହୁଥିବା ସାଧାରଣ ନାଗରିକଙ୍କ ସୁରକ୍ଷା ଉପରେ ପୁଣି ପ୍ରଶ୍ନବାଚୀ ସୃଷ୍ଟି କରିଛି । ସୂଚନା ଅନୁଯାୟୀ, ଲେଇସଙ୍ଗ-ମୁକ୍ତୋଖାଲ ଅଞ୍ଚଳରେ ଅପରାହ୍ନ ପ୍ରାୟ ୩ଟା ସମୟରେ କିଛି ଲୋକ ନିଜ କ୍ଷେତରେ କାମ କରୁଥିବା ବେଳେ ଏହି ଆକ୍ରମଣ ହୋଇଥିଲା । ଆକ୍ରମଣ ପରଠାରୁ କ୍ଷେତକୁ ଯାଇଥିବା ଅନେକ ଗ୍ରାମବାସୀ ଏବେ ବି ନିଖୋଜ ଅଛନ୍ତି । ଚୋଙ୍ଗା ସିଟଲହୋଉ ନାମକ ଜଣେ ମହିଳା ଜାଳେଣି କାଠ ସଂଗ୍ରହ କରୁଥିବା ବେଳେ ତାଙ୍କ ଉପରକୁ ଗୁଳି ଚଳାଯାଇଥିଲା । ଅନ୍ୟପଟେ ତାଙ୍କ ଝିଅ କିମ୍ବୋଇ ନିକଟରେ ନର୍ସିଂ ପାଠପଢ଼ା ଶେଷ କରି ଚାଷ କାର୍ଯ୍ୟରେ ପିତାମାତାଙ୍କୁ ସାହାଯ୍ୟ କରିବା ପାଇଁ ଘରକୁ ଫେରିଥିଲେ ତାଙ୍କୁ ମଧ୍ୟ ଗୁଳି ମାଡ଼ ହୋଇଥିଲା । ଏହି ଅଞ୍ଚଳ ଏବଂ ଏହାର ଆଖପାଖରେ ଥିବା ଅନେକ ଫାର୍ମହାଉସ୍‌ରେ ମଧ୍ୟ ନିଆଁ ଲଗାଇ ଦିଆଯାଇଛି । ଏହାଫଳରେ ଜୀବନହାନି ସହିତ ଲୋକଙ୍କ ସମ୍ପତ୍ତି ଓ ଜୀବିକା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି । ଦୁର୍ଗମ ଅଞ୍ଚଳ ହୋଇଥିବାରୁ ନିଖୋଜ ଲୋକଙ୍କ ସଂଖ୍ୟା ଏବଂ ମୋଟ ମୃତାହତଙ୍କ ବିଷୟରେ ସଠିକ୍ ତଥ୍ୟ ଆସିବା ବାକି ରହିଛି । ଗତ ସେପ୍ଟେମ୍ବର ୧୩ ତାରିଖରେ ତାମେଙ୍ଗଲଙ୍ଗ ଜିଲ୍ଲାର ଟୋଲନ୍ ଗାଁ ଏବଂ ନୋନି ଜିଲ୍ଲାର ଲଙ୍ଗପି ଗାଁରେ ହୋଇଥିବା ପୃଥକ ଆକ୍ରମଣରେ ଜଣେ ଦମ୍ପତିଙ୍କ ସମେତ ଚାରିଜଣ ଆଦିବାସୀ ନାଗରିକଙ୍କ ମୃତ୍ୟୁ ଘଟିଥିଲା । ସେହି ଘଟଣାର ମାତ୍ର ଦୁଇ ଦିନ ପରେ ପୁଣି ଏହି ରକ୍ତପାତ ଘଟିଛି । ପୂର୍ବ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା ଦ୍ୱାରା ତଦନ୍ତ ଏବଂ ଅଞ୍ଚଳରେ ସୁରକ୍ଷା ବଢ଼ାଇବାକୁ ଦାବି ଜୋର ଧରିଥିଲା । ଟଲେନ୍, ଲଙ୍ଗପି ଏବଂ ଏବେ ଲେଇସଙ୍ଗରେ ଘଟିଥିବା କ୍ରମାଗତ ହିଂସା ପରେ ଜିରିବାମ-ତାମେଙ୍ଗଲଙ୍ଗ ସୀମାରେ ରହୁଥିବା ଅସୁରକ୍ଷିତ ବସ୍ତିଗୁଡ଼ିକରେ ଆହୁରି ଉତ୍ତେଜନା ବଢ଼ିବାର ଆଶଙ୍କା ଦେଖାଦେଇଛି ।

## ଭାରତ-ଆମେରିକା ଜଏଣ୍ଟ ମିଲିଟାରୀ ଏକ୍ସରସାଇଜ୍ : ଦୁଇ ଦେଶର ୧୨୦୦ ଯବାନଙ୍କ ଯୁଦ୍ଧ କୌଶଳ ପ୍ରଦର୍ଶନ



ନୂଆଦିଲ୍ଲୀ : ଉତ୍ତରାଖଣ୍ଡର ଔଲି ଫରେନ୍ ଟ୍ରେନିଂ ନୋଡ୍ ଏବଂ ରାଜସ୍ଥାନର ମହାଜନ ଫିଲ୍ଡ ଫାୟାରିଂ ରେଞ୍ଜରେ ଭାରତ ଓ ଆମେରିକା ମଧ୍ୟରେ ବାର୍ଷିକ ଯୌଥ ସାମରିକ ଅଭ୍ୟାସ ‘ଯୁଦ୍ଧ ଅଭ୍ୟାସ’ ଆରମ୍ଭ ହୋଇଛି । ଏହି ଦୁଇ ସପ୍ତାହବ୍ୟାପୀ ସାମରିକ ଅଭ୍ୟାସରେ ଉଭୟ ଦେଶରୁ ୬୦୦ ଲେଖାଏଁ ଯବାନ ଭାଗ ନେଇଛନ୍ତି । ପାହାଡ଼ିଆ ତଥା ଅର୍ଦ୍ଧ-ପାହାଡ଼ିଆ ଅଞ୍ଚଳରେ ଇଣ୍ଟିଗ୍ରେଟେଡ୍ ବ୍ୟାଟେଲ୍ ଗ୍ରୁପ୍‌ର ବ୍ୟବହାର ପାଇଁ ଉଭୟ ସେନାର ସାମରିକ ଦକ୍ଷତା ବୃଦ୍ଧି କରିବା ଏହି ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ । ଏଥିରେ ବିଶେଷ ଭାବରେ ପଦାତିକ ବାହିନୀ ଆଧାରିତ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦିଆଯାଉଛି । ଏହି ପ୍ରଶିକ୍ଷଣ ଦ୍ୱାରା ଦୁଇ ସେନା ପରସ୍ପରର ସର୍ବୋତ୍ତମ ସାମରିକ ରଣନୀତି ବୁଝିବା ଓ ବାଣ୍ଟିବା ସହିତ ଯୌଥ ଯୋଜନା ପ୍ରସ୍ତୁତି ଏବଂ ତାହାକୁ କାର୍ଯ୍ୟକାରୀ କରିବାର କ୍ଷମତାକୁ ସୁଦୃଢ଼ କରିପାରିବେ । ଏହି ସାମରିକ ଅଭ୍ୟାସରେ ନୂତନ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ତାଲିମ ସମୟରେ ନିରୀକ୍ଷଣ ଏବଂ ଗୁଇନ୍ଦା ତଥ୍ୟ ସଂଗ୍ରହ ପାଇଁ ଡ୍ରୋନ୍ ତଥା ଅଟୋନୋମସ୍ ସିଷ୍ଟମର ବ୍ୟବହାର କରାଯାଉଛି । ଏହା ସହିତ ମହାଜନ ଫିଲ୍ଡ ଫାୟାରିଂ ରେଞ୍ଜରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପ୍ରଣାଳୀର ପ୍ରଦର୍ଶନ ସହ ଲାଇଭ୍-ଫାୟାରିଂ ଅଭ୍ୟାସ ମଧ୍ୟ କରାଯାଉଛି । ଆମେରିକୀୟ ଦଳରେ ୧୧ତମ ଏୟାରବୋର୍ଣ୍ଣ ଡିଭିଜନ ‘ଆର୍କଟିକ୍ ଏଞ୍ଜେଲ୍ସ’ର ଯବାନମାନେ ସାମିଲ ହୋଇଛନ୍ତି । ଏହି ଅଭ୍ୟାସ ମାଧ୍ୟମରେ ପାର୍ବତ୍ୟ ଯୁଦ୍ଧ ଏବଂ ଅତ୍ୟଧିକ ଶୀତଳ ପାଣିପାଗରେ ସାମରିକ ଅଭିଯାନ ପରିଚାଳନା କରିବାର କୌଶଳ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି । ଆମେରିକାର ୧୧ତମ ଏୟାରବୋର୍ଣ୍ଣ ଡିଭିଜନର ଫାଷ୍ଟ ମୋବାଇଲ୍ ବ୍ରିଗେଡ୍ କମ୍ବାଟ୍ ଟିମ୍ କମାଣ୍ଡର କର୍ଣ୍ଣେଲ ବେନ୍ ଜ୍ୟାକମ୍ୟାନ୍ କହିଛନ୍ତି ଯେ, ‘ଯୁଦ୍ଧ ଅଭ୍ୟାସ’ ସୈନିକମାନଙ୍କୁ ପାରସ୍ପରିକ ସାମରିକ ପ୍ରସ୍ତୁତି, ସହଯୋଗ ଏବଂ ତାଳମେଳ ବୃଦ୍ଧି କରିବାର ସୁଯୋଗ ଦେଉଛି । ଭାରତୀୟ ସେନା ସହ ମିଶି ତାଲିମ ନେବା ଦ୍ୱାରା ଦୁଇ ଦେଶ ମଧ୍ୟରେ ବିଶ୍ୱାସ ବଢ଼ୁଛି ଏବଂ ଯୁଦ୍ଧ ସମୟରେ ମିଳିତ ଭାବେ କାର୍ଯ୍ୟ କରିବାର କ୍ଷମତା ସୁଦୃଢ଼ ହେଉଛି । ସେହିପରି ଭାରତୀୟ ସେନାର ୧୪ତମ ଇନଫାଣ୍ଟ୍ରି ଡିଭିଜନର ଜିଓସି ମେଜର ଜେନେରାଲ ଅମରେଶ ଗୁଞ୍ଜନ କହିଛନ୍ତି ଯେ, ‘ଯୁଦ୍ଧ ଅଭ୍ୟାସ’ ମଲ୍ଟି-ଡୋମେନ୍ ଅପରେସନର ରଣନୀତି, କୌଶଳ ଏବଂ ପ୍ରକ୍ରିୟା ବାଣ୍ଟିବା ପାଇଁ ଏକ ଉପଯୁକ୍ତ ମଞ୍ଚ ପ୍ରଦାନ କରିଛି । ମହାଜନରେ ସଠିକ୍ ଫାୟାରିଂଠାରୁ ଆରମ୍ଭ କରି ଔଲିରେ ପାର୍ବତ୍ୟ ଯୁଦ୍ଧ ପର୍ଯ୍ୟନ୍ତ ସମସ୍ତ ଦିଗ ଏଥିରେ ସାମିଲ ରହିଛି । ଏହା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବା ସହ ଯେକୌଣସି ପରିସ୍ଥିତିରେ ମିଳିତ ଭାବେ ସଫଳତା ହାସଲ କରିବାକୁ ସେନାକୁ ପ୍ରସ୍ତୁତ କରୁଛି । ଏହି ଅଭ୍ୟାସ ହେଉଛି ପ୍ରତିବର୍ଷ ଆୟୋଜିତ ହେଉଥିବା ଭାରତ-ଆମେରିକାର ଏକ ନିୟମିତ ଯୌଥ ସାମରିକ କାର୍ଯ୍ୟକ୍ରମ ।

# ସିରିଜ ଜିତାଇଲେ ସାମସନ



ନୂଆଦିଲ୍ଲୀ,୧୫।୯: ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ଆଜି ମଧ୍ୟ ୭ ଓ୍ୱିକେଟ୍‌ରେ ହରାଇଛି ଟିମ୍ ଇଣ୍ଡିଆ। ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ଦଳ ନିର୍ଦ୍ଧାରିତ ଓଭରରେ ୧୫୯ ରନ୍ କରିଥିବାବେଳେ ଜବାବରେ ଭାରତ ମାତ୍ର ୧୪.୫ ଓଭରରେ ୩ ଓ୍ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସଞ୍ଜୁ ସାମସନ ଓ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ଏହି ସହଜ ବିଜୟ ହାସଲ କରିଛି ।ଏହି ଚମତ୍କାର ବିଜୟ ସହିତ ଭାରତ ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୨-୦ରେ ଅଜେୟ ଅଗ୍ରସର ହୋଇ ସିରିଜ୍ ନିଜ ନାମରେ କରିଛି। ଆଫଗାନିସ୍ତାନ ପକ୍ଷରୁ ଇବ୍ରାହିମ ଜାଦରାନ ୩୩ ବଲ୍‌ରୁ ୩୭ ରନ୍ କରିଥିବାବେଳେ ଶେଷ ଆଡ଼କୁ ମହମ୍ମଦ ନବୀ ୨୦ (୧୪) ଏବଂ ଅଧିନାୟକ ରଶିଦ ଖାନ ୧୬ ବଲ୍‌ରୁ ୨୮ ରନ୍‌ର ଦ୍ରୁତ ଇନିଂସ ଖେଳିଥିଲେ। ମଧ୍ୟମ କ୍ରମରେ ରସୁଲୀ ମଧ୍ୟ ୧୫ ବଲ୍‌ରୁ ୨୬ ରନ୍ ଯୋଡ଼ିଥିଲେ। ଭାରତ ପକ୍ଷରୁ ନୀତୀଶ କୁମାର ରେଡ୍ଡୀ ସବୁଠାରୁ ସଫଳ ବୋଲର ସାବ୍ୟସ୍ତ ହୋଇ ୩ ଓଭରରେ ମାତ୍ର ୨୪ ରନ୍ ଦେଇ ୩ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ। ସେହିପରି ଅର୍ଶଦୀପ ସିଂହ ୨ଟି ଓ୍ୱିକେଟ୍ ନେଇଥିବା ବେଳେ ଯଶପ୍ରୀତ ବୁମରା, ଅକ୍ଷର ପଟେଲ ଏବଂ ରବି ବିଷ୍ଣୋଇ ଗୋଟିଏ ଲେଖାଏଁ ଓ୍ୱିକେଟ୍ ପାଇଥିଲେ।

୧୬୦ ରନ୍‌ର ଲକ୍ଷ୍ୟର ପିଛା କରିବାକୁ ଓହ୍ଲାଇଥିବା ଭାରତୀୟ ଓପନର ଆଫଗାନିସ୍ତାନ ବୋଲରଙ୍କୁ ନିର୍ମମ ପ୍ରହାର କରିଥିଲେ । ୱାର୍ଲ୍ଡ କପ୍ ୨୦୨୬ ପରେ ସଞ୍ଜୁ ସାମସନ୍ ନିଜର ଦମଦାର ଫର୍ମ ଜାରି ରଖି ମାତ୍ର ୨୨ ବଲ୍‌ରୁ ୫୭ ରନ୍ (୭ଟି ଚୌକା, ୪ଟି ଛକା)ର ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଥିଲେ। ତାଙ୍କର ଷ୍ଟ୍ରାଇକ୍ ରେଟ୍ ୨୫୯ରୁ ଅଧିକ ଥିଲା ।ସେହିପରି ଅଭିଷେକ ଶର୍ମା ୧୯ ବଲ୍‌ରୁ ୩୯ ରନ୍ (୨ଟି ଚୌକା, ୪ଟି ଛକା) କରିଥିବାବେଳେ ଶେଷ ଆଡ଼କୁ ଈଶାନ କିଷନ ୨୩ ବଲ୍‌ରୁ ଅପରାଜିତ ୩୮ ରନ୍ ଏବଂ ତିଲକ ବର୍ମା ୧୫ ରନ୍ କରି ଦଳକୁ ସହଜରେ ବିଜୟୀ କରାଇଥିଲେ। ଆଫଗାନିସ୍ତାନ ପକ୍ଷରୁ ରଶିଦ ଖାନ ୩ଟି ଯାକ ଓ୍ୱିକେଟ୍ ନେଇଥିଲେ ମଧ୍ୟ ଭାରତୀୟ ବ୍ୟାଟ୍ସମ୍ୟାନ୍‌ଙ୍କ ଆକ୍ରମଣାତ୍ମକ ବ୍ୟାଟିଂ ଆଗରେ ତିଷ୍ଠି ପାରି ନଥିଲେ।

# ଏସୀୟ କ୍ରୀଡା: ୭୦୨ କୋଟିର ପୁଞ୍ଜି ବିନିଯୋଗ

## ଗତ ସଂସ୍କରଣର ୧୦୬ ପଦକ ରେକର୍ଡ ଭାଙ୍ଗିବାକୁ ଯୋଜନା

ନୂଆଦିଲ୍ଲୀ୧୫।୯:: ଆଗାମୀ ଏସୀୟ କ୍ରୀଡାରେ ଭାରତର ପଦକ ସଂଖ୍ୟାକୁ ଆହୁରି ବଢ଼ାଇବା ଲକ୍ଷ୍ୟରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ବ୍ୟାପକ ପ୍ରସ୍ତୁତି କରିଛି। ଗତ ୩ ବର୍ଷ ମଧ୍ୟରେ ଖେଳାଳିଙ୍କ ପ୍ରଶିକ୍ଷଣ, ଉପକରଣ, ବିଦେଶୀ ପ୍ରତିଯୋଗିତାରେ ଅଂଶଗ୍ରହଣ, ପ୍ରଶିକ୍ଷକ ଓ ବିଶେଷଜ୍ଞ ନିଯୁକ୍ତି ଆଦି ପାଇଁ ଭାରତ ସରକାରଙ୍କ ପକ୍ଷରୁ ପ୍ରାୟ ୭୦୨.୮୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହା ବ୍ୟତୀତ ଟାର୍ଗେଟ୍ ଅଲିମ୍ପିକ୍ ପୋଡିୟମ୍ ସ୍କିମ୍ (ଟପ୍ସ) ମାଧ୍ୟମରେ ଆଉ ୯୭.୮୪ କୋଟି ଟଙ୍କା ବିନିଯୋଗ ହୋଇଛି।

ଜାପାନରେ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁ ଥିବା ଆଗାମୀ ଏସୀୟ କ୍ରୀଡାରେ ଭାରତର ୫୦୧ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବ। ଏଥିରେ ଅଛନ୍ତି ୨୬୭ଜଣ ପୁରୁଷ ଏବଂ ୨୩୪ଜଣ ମହିଳା ଖେଳାଳି। ୩୬ଟି କ୍ରୀଡ଼ାରେ ଭାରତୀୟ ଦଳ ଅଂଶଗ୍ରହଣ କରିବ। ଏଥର ୩୧୦ଜଣ ଭାରତୀୟ ଖେଳାଳି ପ୍ରଥମଥର ଏସୀୟ କ୍ରୀଡାରେ ଅଂଶଗ୍ରହଣ କରିବେ। ଏଥିନେଇ ଟପ୍ସର ମୁଖ୍ୟ କାର୍ଯନିର୍ବାହୀ ଏନ୍‌ଏସ୍ ଜୋହଲ କହିଛନ୍ତି, ବିଭିନ୍ନ କ୍ରୀଡ଼ାରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନରେ ଭଲ ଗତି ଦେଖିବାକୁ ମିଳୁଛି। ଯୁବ ଖେଳାଳିମାନେ ସ୍ୱଳ୍ପ ବୟସରେ ଶୀର୍ଷସ୍ତରୀୟ ପ୍ରତିଯୋଗିତାକୁ ଆସିବା ଭାରତୀୟ କ୍ରୀଡ଼ା ପାଇଁ ଏକ ଭଲ ସଙ୍କେତ। ଏଥର ଭାରତୀୟ ଦଳରେ ଅନେକ ଯୁବ ପ୍ରତିଭାଙ୍କ ଉପରେ ନଜର ରହିବ।

୧୫ ବର୍ଷୀୟ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ, ଟିଟି ତାରକା ସିଣ୍ଡ୍ରେଲା ଦାସ, ବ୍ୟାଡ୍‌ମିଣ୍ଟନ୍ ଖେଳାଳି ଆୟୁଷ ସେଟ୍ଟୀ, ୧୮ ବର୍ଷୀୟ ସ୍କ୍ୱାସ୍ ତାରକା ଅନାହତ ସିଂହ ଏବଂ ଜୁଡୋକା ଅସ୍ମିତା ଦେ'ଙ୍କ ଭଳି ଯୁବ ଖେଳାଳିମାନେ ଭାରତର ଭବିଷ୍ୟତ ପଦକ ଆଶାକୁ ମଜବୁତ କରିଛନ୍ତି। ଜୋହଲଙ୍କ ଅନୁଯାୟୀ, ଚଳିତ ବର୍ଷ ଜାନୁଆରିଠାରୁ ଏସୀୟ କ୍ରୀଡା ପାଇଁ ଟପ୍ସ ଅଧୀନରେ ୯ଟି ସମନ୍ୱୟ ବୈଠକ ହୋଇଛି। ପ୍ରଶାସନିକ ସମସ୍ୟା ସତ୍ତ୍ୱେ ଖେଳାଳିଙ୍କୁ ସର୍ବୋତ୍ତମ ପରିବେଶ ଓ ସୁବିଧା ଯୋଗାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଭାରତର ପ୍ରମୁଖ କ୍ରୀଡ଼ା ବିକାଶ ବ୍ୟବସ୍ଥା 'ଖେଲୋ ଇଣ୍ଡିଆ'ରୁ ଆସିଥିବା ୬୫ଜଣ ଖେଳାଳି ଏଥର ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଏହା ଦେଶର ତୃଣମୂଳସ୍ତରୀୟ କ୍ରୀଡ଼ା ବିକାଶ କାର୍ଯ୍ୟକ୍ରମର ସଫଳତାକୁ ମଧ୍ୟ ଦର୍ଶାଉଛି। ଖେଳାଳିଙ୍କ ପ୍ରସ୍ତୁତି ପାଇଁ ଖର୍ଚ୍ଚ ହୋଇଥିବା ୭୦୨.୮୬ କୋଟି ଟଙ୍କା ମଧ୍ୟରୁ ସର୍ବାଧିକ ୨୫୧.୪ କୋଟି ଟଙ୍କା ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଖେଳାଳିଙ୍କୁ ଅଧିକ ଅଭିଜ୍ଞତା ଦେବା ପାଇଁ ଖର୍ଚ୍ଚ ହୋଇଛି। ଏହାପରେ ଦେଶ ଭିତରେ ପ୍ରଶିକ୍ଷଣ ପାଇଁ ୧୧୮.୩ କୋଟି ଟଙ୍କା ବ୍ୟୟ ହୋଇଛି। ସୂଚନାଯୋଗ୍ୟ ଯେ ଗତ ହାଙ୍ଗ୍‌ଝୁ ଏସୀୟ କ୍ରୀଡାରେ ଭାରତ ୨୮ଟି ସ୍ୱର୍ଣ୍ଣ, ୩୮ଟି ରୌପ୍ୟ ଓ ୪୦ଟି କାଂସ୍ୟ ସହ ମୋଟ ୧୦୬ଟି ପଦକ ଜିତିଥିଲା।

# ପୁଣି ବାହାହେଲେ ଇମ୍ରାନଙ୍କ ପୂର୍ବତନ ପତ୍ନୀ ଜେମିମା

ନୂଆଦିଲ୍ଲୀ: ପୂର୍ବତନ ପାକିସ୍ତାନ କ୍ରିକେଟର୍ ଓ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ପତ୍ନୀ ଜେମିମା ଗୋଲ୍‌ଡସ୍ମିଥ୍ ପୁଣି ଥରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଚଳଚ୍ଚିତ୍ର ନିର୍ମାତା ଓ ମାନବ ଅଧିକାର ଆଇନଜୀବୀ ଜେମିମା ଦ୍ୱିତୀୟ ଥର




ଲାଗି ଅଷ୍ଟ୍ରେଲିଆର କୋଟିପତି ଫାଇନାନ୍‌ସିଅର ୬୨ ବର୍ଷୀୟ କାମେରନ ଓ'ରିଲିଙ୍କ ହାତ ଧରିଛନ୍ତି। ଗତ ସପ୍ତାହାନ୍ତରେ ଏହି ବିବାହ ଉତ୍ସବ ଧୁମ୍‌ଧାମରେ ହୋଇଥିଲା। ୫୨ ବର୍ଷୀୟ ଜେମିମା ଓ ଇମ୍ରାନଙ୍କ ମଧ୍ୟରେ ୨୦୦୪ରେ ବିବାହ ବିଚ୍ଛେଦ ହୋଇଥିଲା। ବିବାହ ବିଚ୍ଛେଦର ୯ ବର୍ଷ ପରେ ଇମ୍ରାନ୍ କ୍ରିକେଟର୍‌ରୁ ରାଜନେତା ହୋଇଥିଲେ। ଉଭୟଙ୍କ ୨ ପୁଅ ସୁଲେମାନ ଓ କାସିମ୍ ଅଛନ୍ତି। ଇମ୍ରାନ ରାଓଲପିଣ୍ଡି ଜେଲ୍‌ରେ ଥିଲା ବେଳେ ବାପାଙ୍କ ପାଇଁ ଦୁଇ ପୁଅ ପ୍ରଚାର କରିଥିଲେ। ଜେମିମା ଓ କାମେରନ୍‌ଙ୍କ ବିବାହ ବିଷୟରେ ଜେମିମାଙ୍କ ଭାଉଜ ଜେମିମା ଜୋନ୍ସ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ଜଣାଇଛନ୍ତି। ସେ ଲେଖିଛନ୍ତି, 'ଜେମିମା ଓ କାମେରନ୍‌ଙ୍କ ବିବାହ ଉତ୍ସବ ପାଳନ କଲୁ, ମୋର ପସନ୍ଦର ଦିନ, ବହୁତ ଖୁସି ଥିଲା''।

## ଭାରତ ସହ ହ୍ୟାଣ୍ଡସେକ୍ ବିବାଦ

# ନୀରବତା ଭାଙ୍ଗିଲା ବାଂଲାଦେଶ କ୍ରିକେଟ୍ ବୋର୍ଡ

ନୂଆଦିଲ୍ଲୀ,୧୫।୯: ବାଂଲାଦେଶ ମହିଳା ଟିମର ଅଧିନାୟକ ନିଗାର ସୁଲତାନାଙ୍କ ଠାରୁ ଦୂରତା ଅବଲମ୍ବନ କରିଛି ବାଂଲାଦେଶ କ୍ରିକେଟ ବୋର୍ଡ ବା ବିସିବି। ୨୦୨୬ ମହିଳା ଏସିଆ କପ ସେମି ଫାଇନାଲ ବେଳେ ଭାରତୀୟ ଟିମର ଅଧିନାୟକ ହରମନପ୍ରୀତ କୌରଙ୍କ ସହ ହାତ ମିଳାଇ ନଥିଲେ ନିଗାର। ଏବେ ଏହି ପ୍ରସଙ୍ଗରେ ବିସିବି ମୁହଁ ଖୋଲିବା ସହ ନିଜ ଅଧିନାୟକଙ୍କ ନିଷ୍ପତ୍ତି ଠାରୁ ନିଜକୁ ଦୂରେଇ ରଖିଛି।




ନିଗାର ସୁଲତାନା ଗୁରୁବାର ଟସ୍ ବେଳେ ହରମନପ୍ରୀତଙ୍କ ସହ ହାତ ମିଳାଇ ନଥିଲେ। ଏବେ ବିସିବିର ମହିଳା କମିଟି ଅଧ୍ୟକ୍ଷ ରଫିକୁଲ ଇସଲାମ ବାବୁ ସ୍ପଷ୍ଟ କରିଛନ୍ତି ଯେ ବୋର୍ଡର ଏହି ପ୍ରସଙ୍ଗରେ କିଛି କହିବାର ନାହିଁ। ରଫିକୁଲଙ୍କ ମତରେ ସୁଲତାନାଙ୍କ ହାତ ନ ମିଳାଇବା ନିଷ୍ପତ୍ତି ସଂପୂର୍ଣ୍ଣ ଭାବେ ବ୍ୟକ୍ତିଗତ। ବାଂଲାଦେଶ ସବୁ ବେଳେ ସମସ୍ତ ଦେଶ ସହ ବନ୍ଧୁତାପୂର୍ଣ୍ଣ ସମ୍ପର୍କ ରଖିବାକୁ ଚାହେଁ।


ସେ କହିଛନ୍ତି, "ନିଶ୍ଚିତ ଭାବେ ହାତ ନ ମିଳାଇବା ନିଷ୍ପତ୍ତି ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। ଆମର ବିଶ୍ୱାସ କ୍ରୀଡା ବିଶ୍ୱକୁ ଏକାଠି କରେ। ଆମେ କେବଳ ଭାରତ ନୁହେଁ, ସବୁ ଦେଶଗୁଡିକ ସହ ବନ୍ଧୁତାପୂର୍ଣ୍ଣ ସମ୍ପର୍କ ରଖିବାକୁ ଚାହୁଁ। ତେଣୁ ନିଗାର ସୁଲତାନା ଯାହା ବି କରିଛନ୍ତି, ସେଇଟା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି।"ତେବେ ହରମନପ୍ରୀତ କୌରଙ୍କ ସହ କାହିଁକି ସୁଲତାନା ହାତ ମିଳାଇ ନଥିଲେ, ସେକଥା ଏଯାଏ ବାଂଲାଦେଶ ମହିଳା କ୍ରିକେଟ ଟିମ ସ୍ପଷ୍ଟ କରିନାହିଁ। ୨୦୨୫ ଶେଷ ବେଳେ ବାଂଲାଦେଶ ଓ ଭାରତ ମଧ୍ୟରେ କୂଟନୀତିକ ସମ୍ପର୍କ ତିକ୍ତ ହୋଇଥିଲା।

ବିସିସିଆଇ ସିଧାସଳଖ ଆଇପିଏଲ ଫ୍ରାଞ୍ଚାଇଜ କୋଲକାତା ନାଇଟ ରାଇଡର୍ସକୁ ବାଂଲାଦେଶ ବୋଲର ମୁସ୍ତାଫିଜୁର ରହମାନଙ୍କୁ ରିଲିଜ କରିବାକୁ କହିଥିଲା। ଏହାପରେ ବାଂଲାଦେଶ ୨୦୨୬ ଟି-୨୦ ବିଶ୍ୱକପ ଖେଳିବାକୁ ଭାରତ ଆସି ନଥିଲା। ଏହି କାରଣରୁ ବାଂଲାଦେଶ ବଦଳରେ ସ୍କଟଲ୍ୟାଣ୍ଡକୁ ବିଶ୍ୱକପ ଖେଳିବାକୁ ସୁଯୋଗ ଦେଇଥିଲା ଆଇସିସି। ତେବେ ବାଂଲାଦେଶର ପୂର୍ବତନ ଅଧିନାୟକ ତାମିମ ଇକବାଲ ବିସିବି ଅଧ୍ୟକ୍ଷ ଚଳିତ ବର୍ଷ ହେବା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ କିଛିଟା ସୁଧାର ଆସିଛି। ତଥାପି ମହିଳା ଏସିଆ କପରେ ସୁଲାତାନାଙ୍କ ଏପରି ଆଭିମୁଖ୍ୟ ସମସ୍ତଙ୍କୁ ଚକିତ କରିଛି। ଗୁରୁବାର ସେମି ଫାଇନାଲରେ ଭାରତ ୪୦ ରନରେ ବାଂଲାଦେଶକୁ ହରାଇଥିଲା। ଏହାପରେ ଦଳ ରବିବାର ଫାଇନାଲରେ ଶ୍ରୀଲଙ୍କୁ ୭୨ ରନରେ ହରାଇ ଚାମ୍ପିୟନ ହୋଇଛି।

# ଆଫଗାନ ସିରିଜରୁ ବରୁଣ ଆଉଟ୍

ନୂଆଦିଲ୍ଲୀ,୧୫।୯: ଆଫଗାନିସ୍ତାନ ବିପକ୍ଷ ପ୍ରଥମ ଟି-୨୦କୁ ସହଜରେ ଜିତି ନେଇଥିବା ଭାରତୀୟ କ୍ରିକେଟ ଟିମକୁ ଲାଗିଛି ଶକ୍ତ ଝଟକା। ଦଳର ଷ୍ଟାର ସ୍ପିନର ବରୁଣ ଚକ୍ରବର୍ତ୍ତୀ ଆହତ ସମସ୍ୟା ପାଇଁ ପୂରା ସିରିଜରୁ ବାଦ ପଡିଛନ୍ତି।

ଏଥିସହ ଆଗାମୀ ଏସିଆନ ଗେମ୍ସରେ ତାଙ୍କ ଭାଗିଦାରୀକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ବରୁଣ ନିକଟରେ ମାଂସପେଶୀ ସସମସ୍ୟାରୁ ମୁକୁଳିଥିଲେ। ଇଂଲଣ୍ଡ ସିରିଜରେ ତାଙ୍କୁ ଏହି ସମସ୍ୟାର ସାମ୍ନା କରିବାକୁ ପଡିଥିଲା। ଏହାପରେ ସେ ଫିଟ ହେବା ସହ ଆଫଗାନ ଓ ଏସିଆନ ଗେମ୍ସ ସ୍କ୍ୱାଡରେ ସ୍ଥାନ ପାଇଥିଲେ। ରବିବାର ଆଫଗାନିସ୍ତାନ ବିପକ୍ଷ ପ୍ରଥମ ଟି-୨୦ରେ ବରୁଣ ୪ ଓଭରରେ ୧୬ ରନ ଖର୍ଚ୍ଚ କରିବା ସହ ଗୋଟିଏ ଓ୍ୱିକେଟ ମଧ୍ୟ ନେଇଥିଲେ।



କିନ୍ତୁ ଏବେ ସେ ଆହତ ସମସ୍ୟା କାରଣରୁ ଆଫଗାନ ବିପକ୍ଷରେ ବାକି ଥିବା ୨ଟି ଯାକ ଟି-୨୦ରୁ ବାଦ ପଡିଛନ୍ତି। କିନ୍ତୁ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁ ଥିବା ଏସିଆନ ଗେମ୍ସରେ ସେ ନଜର ଆସିବେ କି ନାହିଁ, ସେକଥା ସ୍ପଷ୍ଟ ହୋଇନି। ଏହାପୂର୍ବରୁ ହର୍ଷିତ ରାଣା ଆହତ ଜନିତ ସମସ୍ୟା ପାଇଁ ଆଫଗାନିସ୍ତାନ ସିରିଜ ଓ ଏସିଆନ ଗେମ୍ସରୁ ବାଦ ପଡିଛନ୍ତି। ତାଙ୍କ ବଦଳରେ ଦ୍ରୁତ ବୋଲର ଯଶ ଠାକୁରଙ୍କୁ ସ୍କ୍ୱାଡରେ ସାମିଲ କରାଯାଇଛି। ଏବେ ବରୁଣ ଆହତ ହୋଇଥିବା ବିସିସିଆଇ କହିଥିଲେ ହେଁ ଏଯାଏ ତାଙ୍କ ବଦଳ ଖେଳାଳିଙ୍କ ନାଁ ଘୋଷଣା କରାଯାଇ ନାହିଁ।ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା, ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଓ ଓ୍ୱାଶିଂଟନ ସୁନ୍ଦର ମଧ୍ୟ ଆହତ ସମସ୍ୟା ଦେଇ ଗତି କରୁଥିଲେ। କିନ୍ତୁ ନିକଟରେ ବେଙ୍ଗାଲୁରୁ ସ୍ଥିତି ସେଣ୍ଟର ଅଫ ଏକ୍ସିଲେନ୍‌ସେରୁ ଏମାନେ ଫିଟ ହୋଇ ଆଫଗାନ ସିରିଜକୁ ଫେରିଛନ୍ତି। ରବିବାର ମ୍ୟାଚ୍‌ରେ ବୁମ୍ରା ଓ ରେଡ୍ଡୀ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇଥିଲେ। କିନ୍ତୁ ଓ୍ୱାଶିଂଟନଙ୍କୁ ବେଞ୍ଚରେ ବସିବାକୁ ପଡିଥିଲା।

# ରାଜ୍ୟସ୍ତରୀୟ ଟଙ୍ଗ-ଇଲ୍-ମୁ-ଡୋ ମାର୍ଶଲ ଆର୍ଟ ଚାମ୍ପିୟନସିପ୍‌ରେ ଜଗତସିଂହପୁର ଜିଲ୍ଲା କ୍ରୀଡ଼ାବିତଙ୍କ ସଫଳତା ଅର୍ଜନ

ପାରାଦୀପ/ଜଗତସିଂହପୁର୧୫।୯: - କଟକର ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମଠାରେ ଚାଲିଥିବା ଦୁଇ ଦିନିଆ ୧୨ ଓ ୧୩ ସେପ୍ଟେମ୍ବର ୨୦୨୬ରେ ତୃତୀୟ ରାଜ୍ୟସ୍ତରୀୟ ଟଙ୍ଗ-ଇଲ୍-ମୁ-ଡୋ ମାର୍ଶଲ ଆର୍ଟ ଚାମ୍ପିୟନସିପ୍ ୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କଟକ ଟଙ୍ଗ-ଇଲ୍-ମୁ-ଡୋ ଆସୋସିଏସନ ଦ୍ୱାରା




ଆୟୋଜିତ ଏହି ଦୁଇ ଦିନିଆ ପ୍ରତିଯୋଗିତାରେ ଓଡ଼ିଶାର ୧୫ଟି ଜିଲ୍ଲାରୁ ୩୫୦ରୁ ଉର୍ଦ୍ଧ ଯୁବ ପ୍ରତିଭା ଅଂଶଗ୍ରହଣ କରିଥିଲେ।ଏହି ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲା ଦଳ ଏକ ବଡ଼ ସଫଳତା ହାସଲ କରି ମୋଟ ୧୯ଟି ପଦକ ହାସଲ କରିଛି। ଜାତୀୟ କୋଚ୍ କାହ୍ନୁ ମଲ୍ଲିକଙ୍କ ନେତୃତ୍ୱରେ ଭାଗ ନେଇଥିବା ଏହି ୧୫ ଜଣିଆ ଦଳ ୬ଟି ସ୍ୱର୍ଣ୍ଣ ପଦକ, ୭ଟି ରୌପ୍ୟ, ୬ଟି ବ୍ରୋଞ୍ଜ ପଦକ ହାସଲ କରି ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛନ୍ତି ଫ ଏହି ଚମତ୍କାର ପ୍ରଦର୍ଶନ ଜଗତସିଂହପୁର ଜିଲ୍ଲା ତଥା ସ୍ଥାନୀୟ ପାରାଦ୍ୱୀପ ଅଞ୍ଚଳ ପାଇଁ ଗୌରବର ଅର୍ଜନ କରିଥିବାବେଳେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ବ୍ରହ୍ମପୁର ଲୋକସଭା ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବାସହ ପଦକ ଏବଂ ମାନପତ୍ର ପ୍ରଦାନ କରିଥିଲେ। ଏହି ସଫଳତା ହାସଲ ପରେ ପାରାଦୀପ କରାଟେ ଆସୋସିଏସନର ସଭାପତି ସମୀର କୁମାର ଓଝା ଏବଂ କରାଟେ କୋଚ୍ ମାନସ ରଞ୍ଜନ ଡୋରା ଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି କ୍ରୀଡ଼ାବିତ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଜାତୀୟ ସ୍ତରୀୟ ମ୍ୟାଚ୍ ପାଇଁ ସେମାନଙ୍କ ଉତ୍ସାହ ବଢ଼ାଇଥିଲେ।

# ପୁଣି ସଙ୍କଟରେ ହକି ଇଣ୍ଡିଆ ଲିଗ୍

ନୂଆଦିଲ୍ଲୀ:୧୫।୯: ୭ବର୍ଷର ବ୍ୟବଧାନ ପରେ ଫେରିଥିଲା ହକି ଇଣ୍ଡିଆ ଲିଗ୍। ବହୁ ଆଡମ୍ବରରେ ଫେରିବାର ୨ବର୍ଷ ପରେ ଚଳିତ ବର୍ଷ ଏହି ଲୋକପ୍ରିୟ ଲିଗ୍ ପୁଣି ଥରେ ଆର୍ଥିକ ସଙ୍କଟ ଘେରକୁ ଚାଲି ଯାଇଛି। ଫଳରେ ଏହାର ଭବିଷ୍ୟତ ନେଇ ନାନା ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ଦେଖି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବୀୟ ଏହାର ସ୍ଥିରତା ବଜାୟ ରଖିବା ସହ ସୁପରିଚାଳନା ଲାଗି ନିଜ ଆଡୁ ପଦକ୍ଷେପ ନେଇଛନ୍ତି। ଲିଗ୍‌ର ଆର୍ଥିକ ସ୍ଥାୟିତ୍ୱ ଓ ଦୀର୍ଘମିଆଦୀ ସଫଳତା ସୁନିଶ୍ଚିତ କରିବା ଲାଗି ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ହକି ଇଣ୍ଡିଆ ଏବଂ ଫ୍ରାଞ୍ଚାଇଜି ମାଲିକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ୫ ଜଣିଆ ଏକ କମିଟି ବି ଗଠନ କରାଯାଇଛି। କମିଟିରେ ହକି ଇଣ୍ଡିଆର ଦୁଇଜଣ ପ୍ରତିନିଧି, ଫ୍ରାଞ୍ଚାଇଜି ପକ୍ଷରୁ ଦୁଇଜଣ ପ୍ରତିନିଧି ଏବଂ କ୍ରୀଡ଼ା ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସ୍ଥାନ ପାଇବେ। ଏହି କମିଟି ହକି ଇଣ୍ଡିଆ ଲିଗ୍‌ର ଭବିଷ୍ୟତ ପାଇଁ ଏକ ବ୍ୟାପକ ପୁନରୁଦ୍ଧାର ଯୋଜନା ପ୍ରସ୍ତୁତ କରିବ। ସୂଚନା ଅନୁସାରେ ନିକଟରେ ହକି ଇଣ୍ଡିଆର ଅଧିକାରୀ ଏବଂ ଲିଗ୍‌ର ବିଭିନ୍ନ ଫ୍ରାଞ୍ଚାଇଜି ପ୍ରତିନିଧିଙ୍କ ସହ ଶ୍ରୀ ମାଣ୍ଡବୀୟଙ୍କର ଏକ ବୈଠକ ହୋଇଥିଲା। ବୈଠକରେ ହକି ଇଣ୍ଡିଆ ଲିଗ୍ ସମ୍ପର୍କିତ ଆର୍ଥିକ ଓ ପରିଚାଳନାଗତ ସମସ୍ୟା ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ଏହା ପରେ ଲିଗ୍‌ର ପରିଚାଳନା ଓ ଆର୍ଥିକ ମଡେଲ୍ ଏବଂ ସମଗ୍ର ଢାଞ୍ଚା ଉପରେ ପ୍ରାଥମିକତା ଭିତ୍ତିରେ କାମ କରିବାକୁ କମିଟିକୁ କୁହାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କମିଟି ଏହାର ରିପୋର୍ଟ କ୍ରୀଡ଼ା ମନ୍ତ୍ରଣାଳୟକୁ ପ୍ରଦାନ କରିବ। ଏହି ମହତ୍ତ୍ୱପୂର୍ଣ୍ଣ ବୈଠକରେ ହାଇଦ୍ରାବାଦ ତୁଫାନ୍ସ, ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ, ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ୍, ଶ୍ରାଚି ବେଙ୍ଗଲ୍ ଟାଇଗର୍ସ, ରାଞ୍ଚି ରୟାଲ୍‌ସ ଭଳି ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ। ପ୍ରାୟ ଏକ ଘଣ୍ଟା ଧରି ଚାଲିଥିବା ବୈଠକରେ କ୍ରୀଡ଼ା ସଚିବ ତଥା ସାଇ ମହାନିର୍ଦ୍ଦେଶକ ହରିରଞ୍ଜନ ରାଓ, ଟପ୍ସ (ଟାର୍ଗେଟ୍ ପୋଡିୟମ୍ ଅଲିମ୍ପିକ୍ସ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଏନ୍‌ଏସ୍ ଜୋହଲ୍‌ଙ୍କ ସମେତ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ହକି ଇଣ୍ଡିଆର ମହାସଚିବ ଭୋଲାନାଥ ସିଂହ ଭର୍ଚୁଆଲ୍ ମାଧ୍ୟମରେ ବୈଠକରେ ଯୋଡି ହୋଇଥିଲେ। ସେହିପରି କମାଣ୍ଡର ଆର୍‌କେ ଶ୍ରୀବାସ୍ତବଙ୍କ କ୍ଷମତା ସମ୍ପ୍ରତି କମାଇ ଦିଆଯାଇଥିବା ପରେ ରଞ୍ଜିତ ଗିଲ୍ କାର୍ଯ୍ୟକାରୀ ମହାନିର୍ଦ୍ଦେଶକ ଭାବେ ବୈଠକରେ ଯୋଗ ଦେଇଥିଲେ।

# ଚାମ୍ପିୟନ ପୁରୁଷ, ମହିଳା ଦଳକୁ ରାଷ୍ଟ୍ରପତିଙ୍କ ଅଭିନନ୍ଦନ






ନୂଆଦିଲ୍ଲୀ,୧୫।୯: ଜବରଦସ୍ତ ପ୍ରଦର୍ଶନ ସହ ଉଭୟ ଜୁନିୟର ପୁରୁଷ ଓ ମହିଳା ହକି ଏସିଆ କପ୍ ଜିତିଥିବା ଭାରତୀୟ ଦଳକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଅଭିନନ୍ଦନ ଜଣାଇଛନ୍ତି।'ଯୁବ ଖେଳାଳିମାନେ ପ୍ରେରଣା ଲାଗି ଉଦାହରଣ ସୃଷ୍ଟି କରୁଥିବା ଦେଖିବା ଆନନ୍ଦଦାୟକ। ଭବିଷ୍ୟତରେ ସଫଳତା ଜାରି ରଖିବା ପାଇଁ ସମସ୍ତ ଯୁବ ଖେଳାଳିଙ୍କୁ ଶୁଭେଚ୍ଛା।ଏସିଆ କପରେ ଜବରଦସ୍ତ ପ୍ରଦର୍ଶନ ପାଇଁ ଜୁନିୟର ପୁରୁଷ ଓ ମହିଳା ହକି ଦଳକୁ ହୃଦୟରୁ ଅଭିନନ୍ଦନ। ସେମାନଙ୍କ ନିଷ୍ଠା, ଶୃଙ୍ଖଳା ଓ ଟିମ୍‌ଓ୍ୱାର୍କ ଦେଶ ପାଇଁ ଗୌରବ ଆଣିଛି' ବୋଲି ରାଷ୍ଟ୍ରପତି ମୁର୍ମୁ ଏକ୍ସ'ରେ ପୋଷ୍ଟ କରିଛନ୍ତି।ଉଲ୍ଲେଖଯୋଗ୍ୟ, ଭାରତ ୪-୧ ଗୋଲରେ କୋରିଆକୁ ହରାଇ ପୁରୁଷ ଜୁନିୟର ଏସିଆ କପ୍ ଟାଇଟଲ ବଜାୟ ରଖିଥିବା ବେଳେ ଚାଇନାକୁ ୧-୦ ଗୋଲରେ ହରାଇ ଭାରତ ଲଗାତର ତୃତୀୟଥର ପାଇଁ ଜୁନିୟର ମହିଳା ଏସିଆ କପ୍ ଟ୍ରଫି ଜିତିଛି।

# ଜିଲ୍ଲା ସିନିୟର ନକ୍ ଆଉଟ ଫୁଟବଲ : ବିକେସି ୟୁନାଇଟେଡ୍ ଚମ୍ପିୟାନ

ବଲାଙ୍ଗିର,୧୫/୯ - ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଗାନ୍ଧୀ ଷ୍ଟାଡିୟମ ଠାରେ ଫାଇନାଲ ଖେଳ ବିକେସି ୟୁନାଇଟେଡ ବଲାଙ୍ଗିର ବନାମ ଜିଓ୍ୱାଇଡିସି ନକଟାସର ୧-୧ ଗୋଲ ରେ ଡ୍ର ରହିଥିଲା। ଟ୍ରାଇବ୍ରେକର ୩-୨ ଗୋଲରେ ବିକେସି ୟୁନାଇଟେଡ ନକଟାସର କୁ ହରାଇ ଚମ୍ପିୟାନ ହେଲା ।ଜିଲ୍ଲା କ୍ରୀଡା ସଂସଦର କାର୍ଯକାରୀ ସଭାପତି ଡ. ଶ୍ରୀକର ମିଶ୍ର ଉଦ୍‌ଯାପନି ସଭାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଉପ-ମୁଖ୍ୟମନ୍ତ୍ରୀ ଓଡିଶା କନକ ବର୍ଦ୍ଧନ ସିଂଦେଓ ଯୋଗ ଦେଇ ବଲାଙ୍ଗିର କ୍ରୀଡା ଭି□ଭୂମିକୁ ପ୍ରଶଂସା କରି ରାଜନୀତି ରୁ ଉର୍ଦ୍ଧ୍ୱରେ ରହି ସମସ୍ତେ ମିଳିମିଶି କ୍ରୀଡାର ବିକାଶ ନିମନ୍ତେ ଆଗେଇ ଆସନ୍ତୁ ବୋଲି ଆହ୍ୱାନ କରିଥିଲେ। ଆହୁରି ମଧ୍ୟ ଆମ ସରକାର ଆସିବା ଦିନଠୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ତୃଣମୁଳ ସ୍ତରରୁ ସିଏମ୍ ଟ୍ରଫି ଫୁଟବଲ, ଖୋଖୋ, କବାଡି ଓ ବଲିବଲ ଖେଳକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟ ଅତିଥି ଖେଳାଳି ଓ ସମବେତ ଜନତାଙ୍କୁ ଉତ୍ସାହିତ କରି ବିଜେତା ଓ ଉପବିଜେତା ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ ଯୋଗ ଦେଇ ଗାନ୍ଧୀ ଷ୍ଟାଡିୟମ ବଲାଙ୍ଗିର ର ସମସ୍ତ କର୍ମକ□ ଙ୍କ ଉଦ୍ୟମ କୁ ପ୍ରଶଂସା କରିଥିଲେ ଏବଂ ଆଗାମୀ ଦିନରେ ବଲାଙ୍ଗିର ମ୍ୟୁନିସିପାଲିଟି ତରଫରୁ ସମସ୍ତ ପ୍ରକାର ସହଯୋଗ ର ହାତ ବଢାଇବାକୁ ପ୍ରତିଶୃତି ଦେଇଥିଲେ। କ୍ରୀଡା ସଂସଦ ସାଧାରଣ ସଂପାଦକ ହରି ନାରାୟଣ ପୁଜାରୀ ଙ୍କ ତ□ବିଧାନରେ ଅନୁଷ୍ଠିତ ଖେଳରେ କୋଷାଧ୍ୟକ୍ଷ ତଥା ଟୁର୍ଣ୍ଣାମେ□ କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅତିଥି ଭାବେ ଓଏସ୍‌ଡି ଫୁଟବଲ ଭୁବନେଶ୍ୱର ସୋନାଲି ଚନ୍ଦ, ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ, ବିଜେପି ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ସାଂସଦ ପ୍ରତିନିଧି ଦିନେଶ ଶର୍ମା, କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ଡ. ପ୍ରହ୍ଲାଦ ଶତପଥି, ଯୁଗ୍ମ ସଂପାଦକ ଶତୃଘନ ସିଂ ଯୋଗ ଦେଇଥିଲେ। ଖେଳକୁ ଜିତେନ୍ଦ୍ର ପାତ୍ର, ସଂଜିବ ମହାରଣା, ସଂଜନ କୁଦେଇ ଓ ଦୋଳଗୋବିନ୍ଦ ମୁଣ୍ଡା ପରିଚାଳନା କରିଥିବା ବେଳେ ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ଜୋନ ସଂଯୋଜକ ଏନ୍‌ଜେଓ୍ୱିସି ଚୁଡାପାଲି, ଏଥେଲେଟିକ ଏସୋସିଏସନ ଟିଟିଲାଗଡ, ହଳଧର ପାଠାଗାର ଖୁଜେନପାଲି, ରାମଜୀ ଯୁବକ ସଂଘ ସଦାଇପାଲି, ପ୍ରୋଗ୍ରେସିଭ କ୍ଲବ ବଲାଙ୍ଗିର, ବିଏନ୍‌ଏଏ ଜରାସିଂହା, ଲୋଇସିଂହା ଏଥେଲେଟିକ ଏସୋସିଏସନ ଓ ଇବିଏଫ୍‌ଏ ହଲଦିଙ୍କୁ ଅତିଥିଗଣ ସମ୍ମାନିତ କରିଥିଲେ। ବିକେସି ଦଳର ସୁଧିର ସରାଫଙ୍କୁ ଶ୍ରେଷ୍ଠ ଗୋଲ କିପର ଓ ନକଟାସର ଦଳର ବିକାଶ ଧରୁଆଙ୍କୁ ସର୍ବଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ପରିଶେଷରେ ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ।




Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , **Email : odishamahabharata@gmail.com, orissamahabharat@rediffmail.com**
**Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର**